

ବରଗଡ଼ ଧନୁଯାତ୍ରାରେ ଅକ୍ରୂରଙ୍କ ଗୋପପୁର ଗମନ ଦୃଶ୍ୟାଭିନୟ ।



ଯାତ୍ରୀଙ୍କୁ ଉତ୍ତମ ସେବା ଯୋଗାଇବାକୁ ସରକାରୀ ବସ୍‌ଷ୍ଟାଣ୍ଡ କର୍ମଚାରୀଙ୍କୁ କଂସ ମହାରାଜ ନିର୍ଦ୍ଦେଶ ଦେଉଛନ୍ତି ।

# ରାଜଦରବାରରେ ପୁରୁଷ ହକି ବିଶ୍ୱକପ୍ ଟ୍ରଫି

**ମଥୁରାନଗରୀ,୩।୧**



ମଥୁରାନଗରୀ ରାଜଦରବାରରେ କଂସ ମହାରାଜ ପୁରୁଷ ହକି ବିଶ୍ୱକପ୍ ଟ୍ରଫିକୁ ସ୍ୱାଗତ କରୁଛନ୍ତି ।

**ବରଗଡ଼ ଧନୁଯାତ୍ରା**

ପୁରୁଷ ହକି ବିଶ୍ୱକପ୍ ଟ୍ରଫି ମଙ୍ଗଳବାର ସନ୍ଧ୍ୟାରେ ମଥୁରାନଗରୀ (ବରଗଡ଼)ରେ ପହଞ୍ଚିବା ପରେ ଟ୍ରଫିକୁ ନିଆରା ଭାବେ ସ୍ୱାଗତ କରାଯାଇଛି। ଧନୁଯାତ୍ରା ଚାଲିଥିବାବେଳେ ଟ୍ରଫିକୁ କଂସ ଦରବାର(ରାଜ ଦରବାର)କୁ ନିଆଯାଇଥିଲା। ସେଠାରେ କଂସ ମହାରାଜ ନିଜ ପାତ୍ରମନ୍ତ୍ରୀଙ୍କ ଗହଣରେ ଟ୍ରଫି ଏବଂ ଟ୍ରଫି ଧରି ଆସିଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହାସହିତ ପୁରୁଷ ହକି ବିଶ୍ୱକପ୍ ଦେଖିବାକୁ ସମସ୍ତ ମଥୁରାବାସୀଙ୍କୁ ଆଦେଶ କରିଥିଲେ। ଭାରତରେ ଯେଭଳି ଏହି ଟ୍ରଫି ସବୁଦିନ ରହିବ ସେଥିପାଇଁ କଂସ ପ୍ରାର୍ଥନା କରିଥିଲେ। ସେହିପରି ଟ୍ରଫିକୁ ତାଙ୍କ ପାଖକୁ ପଠାଇଥିବା ଯୋଗୁ କଂସ ମହାରାଜ କଳିଙ୍ଗ ସମ୍ରାଟଙ୍କୁ ଧନ୍ୟବାଦ ଦେଇଥିଲେ।

ଏହାପୂର୍ବରୁ ଉକ୍ତ ଟ୍ରଫିକୁ ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, କ୍ରୀଡ଼ାପ୍ରେମୀ ଏବଂ ବିଭିନ୍ନ ଅନୁଷ୍ଠାନର ସଭ୍ୟମାନେ ସ୍ୱାଗତ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୋଜନା କମିଟି ସଭ୍ୟ ସାଧୁ ନେପାକ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଅନ୍ତର୍ଜାତୀୟ ଖେଳାଳି ପଦ୍ମଶ୍ରୀ ପ୍ରମୋଦ ଭଗତ, ଦୂତୀ ଚାନ୍ଦ, ପଙ୍କଜ ଭୁଏ, ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ୍ ପି. ପରମାର୍, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, କୃତିବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସକାଳେ ଏକ ମାରାଥନ ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା।

## ଆଜିର ଆକର୍ଷଣ
ତା-୪।୧।୨୩ (ବୁଧବାର)

### ମଥୁରାନଗରୀ
- ମଥୁରା ଆମ୍ରବନ (ଗୋବିନ୍ଦପାଲି)ରେ ଶ୍ରୀକୃଷ୍ଣ ଭକ୍ତିରେ ନିମଗ୍ନ ମୁନିଋଷିଙ୍କ ଉପରେ କଂସଙ୍କ ଅତ୍ୟାଚାର, କୃଷ୍ଣ ଓ ବଳରାମଙ୍କ ମଥୁରା ପ୍ରବେଶ, ଖଜୁରଟିକ୍ରା ଆଦିମାତା ମନ୍ଦିରରେ ବିଶ୍ରାମ।

### ଗୋପପୁର
- କୃଷ୍ଣ-ବଳରାମଙ୍କ ବିଦାୟ ଉତ୍ସବ ଓ ଗୋପୀମାନଙ୍କ ବିଳାପ, କୃଷ୍ଣ ଓ ବଳରାମଙ୍କୁ ଧରି ଅକ୍ରୂରଙ୍କ ମଥୁରା ଅଭିମୁଖେ ଯାତ୍ରା।

## ଛାତ୍ରୀଛାତ୍ରଙ୍କୁ ଭେଟିଲେ ଗୋପୀ, ଗୋପାଙ୍ଗନା



ଗୋପପୁରରୁ ଗୋପୀ ଗୋପାଙ୍ଗନାମାନେ ମଙ୍ଗଳବାର ଦହି ବିକିବାକୁ ମଥୁରାନଗରୀକୁ ଆସିଥିଲେ। ସେମାନେ ଦହି ଧରି ମଥୁରାନଗରୀର ରାଣାପ୍ରତାପ ସ୍କୁଲକୁ ଯାଇଥିଲେ। ସେଠାରେ ସ୍କୁଲ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଗୋପୀ ଗୋପାଙ୍ଗନାଙ୍କଠାରୁ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଦହି କିଣିଥିଲେ। ସେହିପରି ଛାତ୍ରୀଛାତ୍ରମାନେ ସେମାନଙ୍କୁ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ପଚାରି ବୁଝିଥିଲେ।

## ନୂତନ ସର୍କିଟ୍ ହାଉସର ଶିଳାନ୍ୟାସ



ବରଗଡ଼ ସହରରେ ଏକ ଅତ୍ୟାଧୁନିକ ନୂତନ ସର୍କିଟ୍ ହାଉସ୍ ନିର୍ମାଣ କରାଯିବ। ଏଥିପାଇଁ ମଙ୍ଗଳବାର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ, ପୌରାଧ୍ୟକ୍ଷା କଳ୍ପନା ମାଝି, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ ଏବଂ କାଉନସିଲରବୃନ୍ଦ ଉପସ୍ଥିତ ଥିଲେ। ପ୍ରାୟ ୫କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଅତ୍ୟାଧୁନିକ ସର୍କିଟ୍ ହାଉସ ନିର୍ମିତ ହେବ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ପଞ୍ଚାନନ



@ ଜୟନ୍ତ




@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୌଦ୍ଧରେ ଏସ୍‌ଟିଏଫ୍ ଚଢ଼ାଉ

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

**୨ ବାଘ ଛାଲ ଜବତ, ଶିକାରୀ ଗିରଫ**

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ମଙ୍ଗଳବାର ବୌଦ୍ଧ ଜିଲାରେ ଚଢ଼ାଉ କରି ୨ଟି ବାଘଛାଲ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛି। ଜବତ ହୋଇଥିବା ଛାଲ ମଧ୍ୟରୁ ଗୋଟିଏ ମହାବଳ ଓ ଅନ୍ୟଟି କଲରାପତରିଆ ବାଘର ବୋଲି ସୂଚନା ମିଳିଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ବୁଧବାର ପ୍ରେସ୍ ବିଜ୍ଞପ୍ତି ଯୋଗେ ବିସ୍ତୃତ ସୂଚନା ଦିଆଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ବାଘଛାଲ କାରବାର ହେଉଥିବା ଜଣାପଡ଼ିବା ପରେ ଏସ୍‌ଟିଏଫ୍ ଚଢ଼ାଉ କରିବାକୁ ଯୋଜନା କରିଥିଲା। ଏନେଇ ଏସ୍‌ଟିଏଫ୍ ଟିମ୍ ଶିକାରୀଙ୍କ ଯୋଗେ ଗୋଟିଏ ବାଘଛାଲକୁ ୫ ଲକ୍ଷ ଲେଖାଏ ଟଙ୍କାରେ କିଣିବାକୁ ଡିଲ୍ କରିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଶିକାରୀ ଜଣକ ବାଘଛାଲ ଆଣିବା ବେଳେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ସେ ନେଇ ଏସ୍‌ଟିଏଫ୍ ପକ୍ଷରୁ ତଦନ୍ତ ଜାରି ରହିଛି।

# ଅଷ୍ଟମଲ୍ଲ ନିହତ, କଂସ ମର୍ମାହତ



ଚତୁର୍ଥ ଦିବସରେ କଂସ ଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଝାରସୁଗୁଡ଼ା ଅଫିସ୍,୩।୧**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ଚତୁର୍ଥ ଦିବସରେ ପହଞ୍ଚିଛି। କଂସ ରାଜୁତିରେ ବନ୍ଧବାହାଲ କଳାହୀରା ନଗରୀ ଉତ୍ସବମୁଖର ହୋଇଉଠିଛି। ଗୋପପୁର ଓ ମଥୁରାପୁର ଚଳଚଞ୍ଚଳ ହୋଇପଡିଛି । ପ୍ରତିଦିନ କଂସ ମହାରାଜଙ୍କ ନିମନ୍ତ୍ରଣ ରକ୍ଷାକରି ରାଜ ଅତିଥି ଭାବେ ଜିଲାର ବହୁମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ମଥୁରାପୁର କଂସ ଦରବାରରେ ହାଜର ହୋଇ କଂସଙ୍କ ନିର୍ଦ୍ଦେଶ ଅନୁପାଳନ କରୁଛନ୍ତି। ପୌରାଣିକ କଥା ବସ୍ତୁ ମଧ୍ୟରେ ଚତୁର୍ଥ ଦିବସରେ ଗୋପପୁରରେ କୃଷ୍ଣ ବଳରାମ ଲଉଡି ଖେଳ, ଦହି ଚୋରି, ଅଷ୍ଟମଲ୍ଲ ବଧ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଥୁରାରେ ଅଷ୍ଟମଲ୍ଲ ନିହତ ଖବର ପାଇ କଂସ ମର୍ମାହତ, କଂସ ଓ ଜରାସନ୍ଧ ଯୁଦ୍ଧ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଲଖନପୁର ବିଡିଓ ଜୟନ୍ତ ସାହୁ, ବିଇଓ ରୁଦ୍ରନାରାୟଣ ପ୍ରଧାନ ଓ ବରିଷ୍ଠ ନାଗରିକ ନରେନ୍ଦ୍ର ପଣ୍ଡା ପ୍ରମୁଖ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମଥୁରାପୁର ଓ ଗୋପପୁରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି।

# ବସ୍ ଓ କାର ମୁହାଁମୁହିଁ ଧକ୍କା: ୨ ମୃତ



ଦୁର୍ଘଟଣାଗ୍ରସ୍ତ ବସ।

**ଭବାନୀପାଟଣା,୩।୧ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥର ଚାଞ୍ଚେର ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ବସ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କାରରେ ବସିଥିବା ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭବାନୀପାଟଣା ଇରିଗେଶନ କଲୋନୀର ଦିନେଶ କୁମାର ନାୟକ ଓ ଦିଲୀପ କୁମାର ଗୋଛାୟତ । କେସିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସ୍ଥାନୀୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ମିଳିଥିବା ସୂଚନା ଅନୁଯାୟୀ, ଦିନେଶ ଓ ଦିଲୀପ କାରରେ ନୃସିଂହନାଥରୁ ଫେରୁଥିବା ବେଳେ ବାଟରେ ଚାଞ୍ଚେର ନିକଟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଘରୋଇ ବସ ଦିଲଖୁସ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଅନ୍ୟ ୨ ଜଣ ମହିଳା ଗୁରୁତର ଆହତ ହୋଇ ଭବାନୀପାଟଣା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି।

# ମୃତ୍ୟୁ ପରେ ବି ମିଳିଲା ନାହିଁ ଅନୁକମ୍ପା

- ଭିନ୍ନଜାତିରେ ବାହା ହୋଇଥିଲେ ବୋଲି କାନ୍ଧ ଦେଲେନି
- ସତ୍କାର କଲେ ସ୍ୱେଚ୍ଛାସେବୀ
- ପୁଅ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି

**ବଲାଙ୍ଗୀର ଅଫିସ/ ଖପ୍ରାଖୋଲ, ୩।୧ (ଡି.ଏନ.ଏ.)**



ୟୁଥ ବ୍ଲଡ ଡୋନର ଗ୍ରୁପ ସଦସ୍ୟ ମୃତଦେହ ସତ୍କାର ପାଇଁ ନେଉଛନ୍ତି ।

ସଭ୍ୟତାର ଅନେକ ବିକାଶ ହୋଇଥିଲେ ମଧ୍ୟ ଆଜିବି ସମାଜରୁ ମଧ୍ୟଯୁଗୀୟ ରଢ଼ିବାଦୀପ୍ରଥା ଦୂର ହୋଇନାହିଁ। ଫଳରେ ଚିହ୍ନା ବ୍ୟକ୍ତିଟି ମୃତ୍ୟୁ ପରେ ବି ଜାତିସମାଜ ବାସନ୍ଦ ଭୟରେ କଲବଲ ହେଉଛି। ଫଳରେ ଘଣ୍ଟା ଘଣ୍ଟା ଧରି ପଡି ରହୁଛି ମୃତଦେହ। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅଧିନ ଯମୁନାପାଲି ଗ୍ରାମରେ।

ସୂଚନା ଅନୁସାରେ କେରଳ ରାଜ୍ୟର ଜଣେ ବ୍ୟକ୍ତି ତୁଳସୀଧର ନାୟାର( ୬୫) ଯମୁନାପାଲି ଗାଁରେ ପ୍ରାୟ ୪୦ ବର୍ଷ ତଳେ ସାର ନାୟକ ନାମ୍ନୀ ଯୁବତୀକୁ ପ୍ରେମ ବିବାହ କରି ଏଠାରେ ରହି ଆସୁଥିଲେ। ମଙ୍ଗଳବାର ତୁଳସୀଧରଙ୍କ ମୃତ୍ୟୁ ଘଟିଥିଲା। ଘରେ ନିଜ ସ୍ତ୍ରୀ ଥିବାବେଳେ ଏକମାତ୍ର ପୁତ୍ର ଦାଦନ ଯାଇଛନ୍ତି। ବୃଦ୍ଧଙ୍କ ମୃତ୍ୟୁ ପରେ ପାଖ ପଡିଶା ଅନ୍ୟ ଜାତିର ଭାବି ଶବ ସତ୍କାର କରି ନ ଥିଲେ। ଫଳରେ ଶବ ଦୀର୍ଘ ସମୟ ଧରି ପଡି ରହିଥିଲା। ଏନେଇ ଖବର ପାଇ ବଲାଙ୍ଗୀର ୟୁଥ ବ୍ଲଡ ଡୋନର ଗ୍ରୁପ ସଦସ୍ୟ ଅକ୍ଷୟ ପ୍ରଧାନଙ୍କ ନେତୃତ୍ୱରେ ଯୁବକମାନେ ଶବକୁ କାନ୍ଧଦେଇ ସତ୍କାର କରିଥିଲେ। ୟୁଥ ବ୍ଲଡ ଡୋନର ଗ୍ରୁପର ସୁଶୀଲ ନନ୍ଦ, ସ୍ୱାଗତ ସାହୁ, ପ୍ରଶାନ୍ତ କୁମ୍ଭାର ସାମିଲ ହୋଇଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ସୁଖିରାମ ଷାଣ୍ଡ, ସରପଞ୍ଚ ପ୍ରତିନିଧି ବଂଶୀଧର ବେହେରା ଓ ଗୋବର୍ଦ୍ଧନ ମାଝି ଉପସ୍ଥିତ ଥିଲେ।

## ୪ ଘଣ୍ଟା ପଡ଼ିରହିଲା ମୃତଦେହ

- ସତ୍କାର ପାଇଁ ଆସିଲେନି ପରିବାର ସଦସ୍ୟ, ଜାତିଭାଇ
- ସତ୍କାର କଲା ସ୍ୱେଚ୍ଛାସେବୀ ସଙ୍ଗଠନ

**ବଲାଙ୍ଗୀର ଅଫିସ/ଦେଓଗାଁ, ୩।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗାଁରେ ଜାତିଗତ ପ୍ରସଙ୍ଗକୁ ନେଇ ଜଣେ ମହିଳାଙ୍କ ମୃତଦେହ ସତ୍କାର କରିବାକୁ ଜାତିଭାଇ ମନା କରିଦେଇଥିଲେ। ଏଥିଯୋଗୁ ଦୀର୍ଘ ୪ ଘଣ୍ଟା ଧରି ମୃତଦେହ ପଡିରହିଥିଲା। ଖବର ପାଇ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ସମ୍ପୃକ୍ତ ମୃତଦେହ ସତ୍କାର କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସାମାଜିକ ବାସନ୍ଦ କାରଣରୁ ମଙ୍ଗଳବାର ଏଭଳି ଘଟଣା ଘଟିଛି।

ମିଳିଥିବା ସୂଚନା ଅନୁସାରେ କରୁଆଁଝର ଗାଁର ଅନୀଲ ପଧାନ କୁଲତା ଜାତିର ସାମାଜିକ ରୀତିନୀତିରେ ଗତ ଦୁଇବର୍ଷ ତଳେ ସୁବର୍ଣ୍ଣପୁର ଜିଲା ଅମରପାଲିର ସୀମାଞ୍ଜଳି ସାହୁଙ୍କୁ ବିବାହ କରିଥିଲେ। ବିବାହର ପ୍ରାୟ ୧ ବର୍ଷ ପରେ ଅନୀଲଙ୍କୁ ଆଞ୍ଚଳିକ ଜାତି ସଂଘ ପକ୍ଷରୁ କୁଆଡେ ସୀମାଞ୍ଜଳିଙ୍କ ଜାତି ଅନୀଲଙ୍କ ଜାତିଠାରୁ ତଳିଆ ଦର୍ଶାଇ ତଥ୍ୟ ମାଗିଥିଲେ। ଝିଅଘର ପକ୍ଷ କୁଲୁତା ସମାଜ ସଭାପତି ସୀମାଞ୍ଜଳିଙ୍କ ପରିବାର ଚଷା କୁଲୁତା ବୋଲି ଲିଖିତ ତଥ୍ୟ ଦେବାପରେ କରୁଆଝର ଆଞ୍ଚଳିକ ସମାଜ ଅନୀଲଙ୍କ ପରିବାରକୁ ବାସନ୍ଦ କରିଥିଲେ। ଘଟଣାଚକ୍ରରେ ବିବାହର ଦୁଇବର୍ଷ ପରେ ସୀମାଞ୍ଜଳି ରୋଗାଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କ ମୃତ୍ୟୁ ଖବର ଅନୀଲ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କୁ ଦେଇ ସତ୍କାର ପାଇଁ ଡାକିଥିଲେ। ମାତ୍ର ମୃତା ତାଙ୍କ ନିଜ ଜାତିରୁ ତଳଶ୍ରେଣୀର ଦର୍ଶାଇ ଅନୀଲଙ୍କ ବାପା, ଭାଇ, ପରିବାର ସଦସ୍ୟ ଏବଂ ଗ୍ରାମବାସୀ କେହି ତାଙ୍କ ଘରକୁ ଆସି ନ ଥିଲେ। ୪ଘଣ୍ଟା କାଳ ମୃତଦେହ ପଡି ରହିବା ପରେ ଅନୀଲ ସ୍ତ୍ରୀର ସତ୍କାର ପାଇଁ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟଙ୍କ ସହାୟତା ଲୋଡିଥିଲେ। ଖବର ପାଇ ସ୍ୱେଚ୍ଛାସେବୀ ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଶତପଥୀ, ଲିଙ୍କନ ସେଠ, ରବିନ୍ଦ୍ର ପଧାନ, ସୁମିତ ମିଶ୍ର, ଅଜୟ ନାଗ ଗାଁକୁ ଆସି ମହିଳାଙ୍କ ମୃତଦେହ ବଲାଙ୍ଗୀର ନେଇ ସତ୍କାର କରିଥିବା ଜଣାପଡିଛି।

## ସଂକ୍ଷେପରେ

### କଟକକୁ ହରାଇ ସେରସା ବିଳାସପୁର ସେମିରେ

**ନୂଆପଡ଼ା ଅଫିସ୍, ୩।୧:** ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ୩୧ ତମ ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ ମଙ୍ଗଳବାର ଦ୍ୱିତୀୟ ଦିବସରେ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ହରାଇ ସେରସା ବିଳାସପୁର ସେମି ଫାଇନାଲରେ ପ୍ରବେଶ କରିଛି। ୱାଇଏମ୍‌ସି କପ କ୍ରିକେଟର ଦ୍ୱିତୀୟ ଦିବସରେ ସେରସା ବିଳାସପୁର ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ କଟକ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ସେରସା ବିଳାସପୁର ଦଳ ୯.୦୨ ଓଭରରେ ୫ ଉଇକେଟ ହରାଇ ୨୧୭ ରନ କରି ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ଏହି ଟୁର୍ନାମେଣ୍ଟର ଆବାହକ ସରୋଜ କୁମାର ସାହୁ (ଭୈରବ)ଙ୍କ ନେତୃତ୍ୱରେ ଆୟୋଜିତ ଦ୍ୱିତୀୟ ଦିବସରେ ନୂଆପଡା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡା ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ ଓ ଉପାଧକ୍ଷ ଦିଲୀପ ନିର୍ମଲକର, ଧନୀରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କ୍ରୀଡାବିତ, କ୍ରୀଡାପ୍ରେମୀମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ ସେରସା ବିଳାସପୁର ଦଳ ରାଜ ଚୌଧୁରୀଙ୍କୁ ମହାମାୟା କଲେଜ ସମ୍ପାଦକ ଟଙ୍କଧର ସାହୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ, ୟୁଥମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ଉପ ସଭାପତି ସଞ୍ଜୟ ପଟ୍ଟନାୟକ, ସମ୍ପାଦକ ତପନ ବଗର୍ତି, ସହ ସମ୍ପାଦକ ସୁଧିର ମିଶ୍ର ପ୍ରମୁଖ ମ୍ୟାଚ ପରିଚାଳନା କରୁଥିବା ବେଳେ ଅନୀଲ କୁମାର ଦାସ ଓ ବିଶ୍ୱମ୍ଭର ମହାକୁଡ ଖେଳ ପରିଚାଳନା କରୁଛନ୍ତି। ସ୍କୋର ଦାୟିତ୍ୱରେ ଶୈଲେଶ ଶତପଥୀ ଓ ଜୟ କିଷନ ସୁନାନୀ, ମହମ୍ମଦ ରାଜା ହିନ୍ଦି,ଓଡିଆ ଓ ଇଂରାଜୀରେ ଧାରା ବିବରଣୀ ଶୁଣାଉଛନ୍ତି । ଶ୍ରୀରାମ ମିଶ୍ର, ଜାବେଦ ଖାନ,ଜିତୁ ହୋତା,ସାଗର ହଂସ, ପ୍ରତୀକ ପଟ୍ଟନାୟକ, ବିପ୍ଳବ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରୁଛନ୍ତି।

### ଦୁର୍ଘଟଣାରେ କିରାଣିଙ୍କ ମୃତ୍ୟୁ

**ଭବାନୀପାଟଣା,୩।୧(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଡୁମେରବାହାଲ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଚାରିଚକିଆ ଗାଡି ଧକ୍କାରେ ଜଣେ କିରାଣିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଦୀପ ନେଗୀ(ମଣ୍ଟୁ)। ସେ ଦାସିଗାଁର ବୋଲି



ଜଣାପଡିଛି। ପ୍ରଦୀପ କଲମପୁର ବ୍ଲକ ଦେପୁର ହାଇସ୍କୁଲରେ କିରାଣି ଥିବା ବେଳେ ଜୁନାଗଡ ସହର ଆମ୍ବଗଛପଡାର ଏକ ଭଡାଘରେ ପରିବାର ସହ ରହୁଥିଲେ। ସେ ଭବାନୀପାଟଣାରୁ ଜୁନାଗଡକୁ ବାଇକ୍‌ରେ ଫେରୁଥିବା ବେଳେ ଡୁମେରବାହାଲ ଛକ ନିକଟରେ ଚାରିଚକିଆ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜୁନାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଗାଡି ବାଦଲି ଛକଠାରେ ମଧ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିବା ଜଣାପଡିଛି। ଭବାନୀପାଟଣାରେ ଉକ୍ତ ଗାଡିକୁ ସ୍ଥାନୀୟ ଲୋକେ ଅଟକାଇ ପୋଲିସ ଜିମା ଦେଇଥିଲେ। ଗାଡି ଚାଳକଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି।

# ଡୋକରିଚଞ୍ଚରାରେ ଡୋକରୀ ଦେବୀଙ୍କ ମଣ୍ଡେଇ ଯାତ୍ରା

**କୋକସରା,୩।୧(ଡି.ଏନ.ଏ.)**



ମଣ୍ଡେଇ ଯାତ୍ରାରେ ଲାଠି କୁର୍ସି ବୁଲାଯାଉଛି ।

କଳାହାଣ୍ଡି ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରା ଠାରେ ମଙ୍ଗଳବାର ଗୁଡହାଣ୍ଡି ଉନ୍ନୟନ କମିଟି ପକ୍ଷରୁ ଡୋକରୀ ଦେବୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଡୋକରୀ ଦେବୀଙ୍କ ନାମରେ ନାମିତ ଡୋକରିଚଞ୍ଚରା ପର୍ଯ୍ୟଟନସ୍ଥଳୀ ରହିଛି। ଏହି ସ୍ଥାନର ଆରାଧ୍ୟ ଦେବୀ ଓ ପାର୍ଶ୍ୱ ଦେବୀଙ୍କ ମଣ୍ଡେଇ ଯାତ୍ରା ପାଇଁ ପର୍ଯ୍ୟଟନସ୍ଥଳୀ ଉତ୍ସବମୁଖର ହୋଇଉଠିଛି । ସୋମବାର ଅପରାହ୍ନରେ ଅଧିବାସ ସହ ମଙ୍ଗଳବାର ସକାଳୁ ଡୋକରୀ ଦେବୀଙ୍କ ପୀଠରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଡୋକାରୀ ଦେବୀ, ବସ୍ତରେନ ମାଉଳି, ପାଟଦାୟିନୀ, ଠାକୁରାଣୀ ଓ ଦଣ୍ଡ ପାଟିଆଣୀ ପାର୍ଶ୍ୱ ଦେବୀମାନେ ଲାଠିକୁର୍ସି ସହ ଡୋକରିଦେବୀଙ୍କ ପୀଠରେ ପହଞ୍ଚିଥିଲେ। ଏହାପରେ ସମସ୍ତ ଦେବାଦେବୀଙ୍କୁ ପୂଜକ ସୁକଚନ ପୂଝାରି, ରତନ ପୂଝାରି, ଚିତ୍ରସେନ ମାଝୀ ପୂଜାର୍ଚ୍ଚନା କରିଥିଲେ । ଶିରାଙ୍କ ଦେହରେ କାଳିସୀ ବିରାଜମାନ କରିବା ପରେ ଦେବାଦେବୀଙ୍କ ଲାଠିକୁର୍ସି ପରିକ୍ରମା କରାଯାଇଥିଲା। ଏହି ଅବସରରେ ଦେବୀଙ୍କ ପୀଠରେ ମାନସିକଧାରୀମାନେ ଶୁକ୍ଲଭୋଗ ସହ କୁକୁଡ଼ା, ପାରା ଆଦି ବଳି ଦେଇଥିଲେ। ମଣ୍ଡେଇ ଯାତ୍ରା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋକସରା ତହସିଲଦାର ଦେବବ୍ରତ କରାଟି, ଆମ୍ବା ଅଧକ୍ଷ ଋତୁରାଜ ମାଝୀ ଯୋଗ ଦେଇଥିଲେ। ଗୁଡହାଣ୍ଡି ଉନ୍ନୟନ କମିଟିର ସଭାପତି ଭଦ୍ରେଶ୍ୱର ପାତ୍ର, ଉପ ସଭାପତି ଅଇରୀ ନାଶନ ଚିନ୍ଦା, ସାଧାରଣ ସମ୍ପାଦକ ଘନଶ୍ୟାମ ନାଏକ, ଉପ ସଭାପତି ସୁଧୀର କୁମାର ପାତ୍ର, ସହ ସମ୍ପାଦକ ମଧୁବନ ପାତ୍ର, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ପ୍ରଧାନୀ, ସହ ସମ୍ପାଦକ ନୀଳାମ୍ବର ନାଏକ, ଚକାଡୋଳା ପାତ୍ର, ଯତୀନ ମାଝୀ,ଦୁଷ୍ମନ୍ତ ପାଟଯୋଷୀଙ୍କ ସମେତ ଖଲିଗଡ଼, ମହିମା ଓ ଟେମରା ଗ୍ରାମବାସୀ ଉପସ୍ଥିତ ରହି ମଣ୍ଡେଇ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଫୁଟ୍‌ବଲ ଫାଇନାଲରେ ଫୁପଗାଁ ଟିମ୍ ଚାମ୍ପିୟନ



ଖେଳାଳିଙ୍କ ସହ ଅନ୍ୟମାନେ ।

**କୋକସରା,୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାସ୍ତରୀୟ ଲୋକ ମହୋତ୍ସବ ଘୁମୁରା ପାଇଁ କୋକସରା ବ୍ଲକସ୍ତରୀୟ ଫୁଟବଲ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୋକସରା କସ୍ତୁରବା ଖେଳପଡିଆରେ ୪ ଟି ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଟେମରା ଓ ଫୁପଗାଁ ଦଳ ମଧ୍ୟରେ ହୋଇଥିବା ବେଳେ ପେନାଲିଟ ସୁଟ ଆଉଟରେ ୪-୩ ଗୋଲରେ ଫୁପଗାଁ ଦଳ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଡହଗାଁ ଓ ଗମ୍ଭାରୀଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଡ଼ହଗାଁ ୧-୦ ଗୋଲରେ ବିଜୟୀ ହୋଇଥିଲା। ଫାଇନାଲ ଖେଳ ଡ଼ହଗାଁ ଓ ଫୁପଗାଁ ଦଳ ମଧ୍ୟରେ ହୋଇଥିଲା। ଚିତ୍ତାକର୍ଷକ ମ୍ୟାଚରେ ୪-୨ ଗୋଲରେ ଫୁପଗାଁ ଦଳ ମ୍ୟାଚ ବିଜୟୀ ହୋଇଛି। ଫୁଟବଲ ଖେଳକୁ ଖେଳ ଶିକ୍ଷକ ଶଙ୍କର ପୋଢ଼, ଚିତ୍ତରଞ୍ଜନ ଠାକୁର ଓ ଗୁଣନିଧି ପୂଝାରି ପରିଚାଳନା କରିଥିଲେ। କୋକସରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ଏହି ବ୍ଲକସ୍ତରୀୟ ଫୁଟବଲ ଖେଳ ପରିଚାଳନା ଦାୟିତ୍ୱରେ ରହିଥିବା ବେଳେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାବିତ୍ରୀବାଈ ଫୁଲେଙ୍କ ଜନ୍ମ ଦିବସ ପାଳିତ

**କଣ୍ଟାବାଞ୍ଜି, ୩।୧(ଡି.ଏନ.ଏ.)**

ବଲାଙ୍ଗୀର କୋଶଳେଶ୍ୱର ମାଳି ସମାଜ ବିକାଶ ପରିଷଦ ଦ୍ୱାରା କଂଟାବାଂଜି କୁକୁଡାହାଡ ଗାଁରେ ସାବିତ୍ରୀ ବାଇ ଜ୍ୟୋତିରାଓ ଫୁଲେଙ୍କ ୧୯୨ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଶାର ୧୧ଟି ବିଭିନ୍ନ ଜିଲା ମାଳି ସମାଜ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମାଳି ସମାଜ ବଲାଙ୍ଗୀର ଜିଲା ସଭାପତି କାର୍ତ୍ତିକ ପୁଟେଲଙ୍କ ନେତୃତ୍ୱରେ ପଦାଧିକାରୀ ଓସମାଜ ସଦସ୍ୟମାନେ ସ୍ଥାନୀୟ ହେମାଲ ସଂଘ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି କୁକୁଡାହାଡସ୍ଥିତ ସାମାଜିକ ସଭାସ୍ଥଳରେ ପହଞ୍ଚି ଥିଲା। ମୁଖ୍ୟ ଅତିଥିଭାବେ ମୁରିବାହାଲ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ରାଜ୍ୟ ସଭାପତି ବାସୁଦେବ ମାର୍ଥା, ସମ୍ମାନିତ ଅତିଥିଭାବେ ଉପସଭାପତି ଦାରାସିଂ ପୁଟେଲ, ଅମିତ ପୁଟେଲ, ସୁନାରାମ ପୁଟେଲ, ନିତିନ କୁମାର ପଟେଲ, ମୁଖ୍ୟବକ୍ତାଭାବେ ଅନିରୁଦ୍ଧ କୁରୁକୁରିଆ, ମୋହନ ପୁଟେଲ, ଅଭୟ କୁମାର ଚୌଧୁରୀ ମଞ୍ଚାସୀନ ଥିଲେ।

# ସ୍କୁଲରେ ପୁଣି ତାଲା ପକାଇଲେ ଗ୍ରାମବାସୀ

**ବେହେରା,୩।୧(ଡି.ଏନ.ଏ.)**



ଆନ୍ଦୋଳନରତ ଗ୍ରାମବାସୀ ।

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଗୁଡା ଗ୍ରାମବାସୀ ମଙ୍ଗଳବାର ପୁଣିଥରେ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ମାରି ଅନ୍ଦୋଳନରେ ବସିଛନ୍ତି। ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିବା ଜାଣି ଗ୍ରାମବାସୀ ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବେହେରାଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଛନ୍ତି। ସେହି ଅନୁପାତରେ ଶିକ୍ଷକ ସଂଖ୍ୟା କମ୍ ଥିବା ସତ୍ତ୍ୱେ ପୁଣି ଜଣେ ଶିକ୍ଷୟିତ୍ରୀଙ୍କୁ କେଉଁ ସ୍ୱାର୍ଥରେ ବଦଳି କରାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଗତ ଜୁନ ମାସରେ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଏହି ଗ୍ରାମବାସୀ ୧୧ ଦିନ ଧରି ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଉକ୍ତ ବିଦ୍ୟାଳୟର ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କ ପ୍ରଶ୍ନବାଣ ସମ୍ପର୍କିତ ଭିଡିଓ ସାରା ଓଡିଶାରେ ଚହଳ ପକାଇଥିଲା।

### ଶିକ୍ଷୟିତ୍ରୀଙ୍କ ବଦଳିର ପ୍ରତିବାଦ

ଉକ୍ତ ବିଦ୍ୟାଳୟକୁ ୩ ଜଣ ଶିକ୍ଷକ ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା କିନ୍ତୁ ଏହାର ୬ମାସ ପରେ ପୁଣି ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ହେବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେଲା ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଉ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଛନ୍ତ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

**ତୁଣ୍ଡଲା,୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିଂଯାପାଲି ପଞ୍ଚାୟତ ପକ୍ଷରୁ ୨୫ତମ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଘୁମୁରା ଉତ୍ସବ ଅବସରପ୍ରାପ୍ତ ଶିକ୍ଷକ ମକଲିଙ୍ଗ ଗହୀରଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ଦିଗସିରା ଶିବମନ୍ଦିରଠାରୁ ମଶାଲ ଶୋଭାଯାତ୍ରା କରାଯାଇଥିଲା । ଦିଗସିରା ଛକଠାରେ ମଶାଲକୁ ସ୍ୱାଗତ କରାଯାଇ ସାପଲହରାରୁ ଆସିଥିବା ଘୁମୁରା ବାଜା ବଜାଯାଇ ସିଂଯାପାଲି ପଞ୍ଚାୟତ ପରିସରକୁ ନିଆଯାଇଥିଲା । ସିଂଯାପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ଦାଶଙ୍କ ଦ୍ୱାରା ମଞ୍ଚରେ ମଶାଲ ସ୍ଥାପନ କରାଯାଇଥିଲା। ବାଦିପଡା, ଦିଗସିରା, ସିଂଯାପାଲି ସ୍କୁଲର ଛାତ୍ରୀଛାତ୍ର, ଯୁବତୀଯୁବକ ମଞ୍ଚରେ ଘୁମୁରା ନୃତ୍ୟ, ଝୋଟି, ହୁଲହୁଳି ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ସମ୍ବଲପୁରୀ ଲୋକଗୀତ, ଡ୍ୟାନ୍ସ, ଦଳଗତ ନୃତ୍ୟ ଘୁମୁରା ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କେସିଙ୍ଗା ପଞ୍ଚାୟତ ସମିତି ଅଧକ୍ଷ ଚନ୍ଦନ ସେନାପତି, ମୁଖ୍ୟବକ୍ତା ଭାବେ ସମିତି ସଭ୍ୟା ସୀତୟା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଦୀପାଞ୍ଜଳି ସାହୁ ଯୋଗ ଦେଇଥିଲେ । ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଜିଆରଏସ, ମିଶନ ଶକ୍ତିର ଏମବିକେ ଓ ସମସ୍ତ ସିଆରପି, ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସିଂଯାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଜି. କ୍ରିଷ୍ଣା ରେଡି ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତର ପିଇଓ ପ୍ରହ୍ଲାଦ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# ଜମିକୁ କେନ୍ଦ୍ରକରି ଗଣ୍ଡଗୋଳ: ୨ ଆହତ

**ଦେଓଗାଁ,୩।୧(ଡି.ଏନ.ଏ.)**

ଦେଓଗାଁ ଥାନା ଅନ୍ତର୍ଗତ ବର୍ଲାରେ ଜମି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦେଓଗାଁଥାନା ଓ ତୁଷୁରା ଥାନା ସୀମାବର୍ତ୍ତିସ୍ଥାନ ବର୍ଲା ନିକଟରେ ଡିସେମ୍ବର ୨୪ତାରିଖରେ ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ବୈଠକ ବସିଥିଲା। ସେହି ବୈଠକରେ ଲଳିତା ସୁନା ନିକଟସ୍ଥ ଏକ ସରକାରୀ ଜମିରେ ରହିବାପାଇଁ ଗାଁ ଲୋକଙ୍କୁ ଅନୁରୋଧ କରିଥିଲେ । ସମସ୍ତଙ୍କ ସହମତିରେ ଉକ୍ତ ସ୍ଥାନରେ ତାଙ୍କୁ ରହିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ୨ ତାରିଖ ଦିନ ବିଷ୍ଣୁ ହରପାଲ, ସୁରୁ ହରପାଲ ଓ ଯୁଧିଷ୍ଠିର ହରପାଲ ଜମି ଚିହ୍ନଟ ପାଇଁ ଉକ୍ତ ସ୍ଥାନକୁ ଯାଇଥିଲେ। ଏହି ସମୟରେ ପୂର୍ବରୁ ଉକ୍ତ ସ୍ଥାନରେ ରହୁଥିବା କେତେକ ପରିବାର ସେମାନଙ୍କୁ ଆକ୍ରମଣ କରିଥିଲେ । ଏଥିରେ ବିଷ୍ଣୁ, ସୁରୁ ଓ ଯୁଧିଷ୍ଠିର ଆହତ ହୋଇଥିଲେ। ସେମାନଙ୍କୁ ତୁଷୁରା ଚିକିତ୍ସାଳୟକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଉପରୋକ୍ତ ୩ଜଣ ମଙ୍ଗଳବାର ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି ।

# ଘୁମୁରା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିବା ଅତିଥିଗଣ ।

**ଜୁନାଗଡ଼,୩।୧(ଡିଏନଏ)**

କଳାହାଣ୍ଡି ଜିଲା ଜୁନାଗଡ଼ଠାରେ ଆସନ୍ତା ୭,୮ ଓ ୯ ତାରିଖରେ ହେବାକୁ ଥିବା ବ୍ଲକ ଓ ଏନଏସି କଳାହାଣ୍ଡି ଉତ୍ସବ ଉପଲକ୍ଷେ ମଙ୍ଗଳବାର କୁରୁଗୁଡା ମାଧ୍ୟମିକ ସ୍କୁଲ ଖେଳପଡ଼ିଆଠାରେ ଘୁମୁରା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଡ଼ିଓ ଦୁଲରାମ ମାରାଣ୍ଡି, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ, ସାମ୍ବାଦିକ ସଂଘ ସଭାପତି ହିମାଂଶୁ ବରାଡ଼, ବିଏସଏସଓ ତୁଷାର ରଞ୍ଜନ ସାହୁ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଓକିଲ ସଂଘ ବନାମ ଜୁନାଗଡ଼ ବ୍ଲକ ନିର୍ବାଚିତ ପ୍ରତିନିଧି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚିତ ପ୍ରତିନିଧି ୧୦ ଓଭରରେ ୧ ଉଇକେଟ ହରାଇ ୧୮୫ ରନ କରିଥିଲେ। ଏହାର ଜବାବରେ ଓକିଲ ସଂଘ ମାତ୍ର ୯୮ ରନ କରି ପରାସ୍ତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ସ୍ୱାସ୍ଥ୍ୟ ବିଭାଗ ବନାମ ଶିକ୍ଷା ବିଭାଗ(ଖ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ବିଭାଗ(ଖ) ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮୪ ରନ କରିଥିଲେ । ଏହାର ଜବାବରେ ସ୍ୱାସ୍ଥ୍ୟ ବିଭାଗ ୮୫ ରନ କରି ବିଜୟୀ ହୋଇଥିଲେ। ତୃତୀୟ ମ୍ୟାଚ ଶିକ୍ଷା ବିଭାଗ(କ) ବନାମ ବିଡ଼ିଓ ଏକାଦଶ (ଖ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ବିଭାଗ(କ) ୧୦ ଓଭରରେ ମାତ୍ର ୪୧ ରନ କରିଥିଲେ। ଏହାର ଜବାବରେ ବିଡ଼ିଓ ଏକାଦଶ(ଖ) ୪୨ ରନ କରି ବିଜୟୀ ହୋଇଥିଲେ। ଚତୁର୍ଥ ମ୍ୟାଚ ଜୁନାଗଡ଼ ଏନଏସି ବନାମ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ଏକାଦଶ ୧୦ ଓଭରରେ ୯୭ ରନ କରିଥିଲେ। ଏହାର ଜବାବରେ ଏନଏସି ଏକାଦଶ ୯୮ ରନ କରି ବିଜୟୀ ହୋଇଥିଲେ। କଲେଜ ପିଇଟି ସମୀର ସାହୁ, ସତୀଶ ପ୍ରଧାନ ଓ କିଶନ ଶର୍ମା ଖେଳ ପରିଚଳନା କରିଥିଲେ। ବୁଧବାର ବିଡ଼ିଓ ଏକାଦଶ(କ) ବନାମ ସାମ୍ବାଦିକ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା

**ଭବାନୀପାଟଣା,୩।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଲାଲବାହାଦୂର ଷ୍ଟାଡିୟମଠାରେ ମଙ୍ଗଳବାର ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୩ଟି ବ୍ଲକ ମଧ୍ୟରୁ ୭ଟି ବ୍ଲକର ଭଲିବଲ ଦଳ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମ.ରାମପୁର, କଲମପୁର, ଥୁଆମୁଲ ରାମପୁର ବିଜୟୀ ହୋଇଥିଲେ। ବୁଧବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରାଧକ୍ଷା ସଂଯୁକ୍ତା ବେହେରା,ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ଅଶୋକ ପ୍ରଧାନ, କାର୍ଯ୍ୟନିର୍ବାହୀ ବଳୟ ଦେହୁରୀ, ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ,ସନ୍ୟାସୀ କୁଣ୍ଡାମାଲ ସରପଞ୍ଚ ରଶ୍ମିତା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଖେଳକୁ ନବୀନ ନାୟକ, ଯୁଗୋଳ ରଥ, ସୁବାଷ ନାଗ, ଅଜିତ, ନିର୍ମଳ ପ୍ରଧାନ, ମିଳନ କୁମାର, ଅନିଲ ମହାନ୍ତି, ଦିପୁନ ବିଶ୍ୱାଳ, ବିଭୂତି ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ସମାରୋହରେ ଖେଳାଳି ସହ ଅତିଥିଗଣ।

# କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ମିନି ମାରାଥନ୍



ଯୁବତୀଙ୍କ ସାଇକେଲ ରାଲି ଓ ଯୁବକଙ୍କ ମାରାଥନ୍।

**କେସିଙ୍ଗା,୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଦେଓଗାଁ ଗ୍ରାମ ପଞ୍ଚାୟତ ଅଧୀନ ମହଗା ଠାରେ ବୁଧବାର ହେବାକୁ ଥିବା କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୩ ଉପଲକ୍ଷେ ସ୍ଥାନୀୟ ସ୍ୱର୍ଗଦ୍ୱାର ସେବା ସଂଗଠନ ପକ୍ଷରୁ ମିନି ମାରାଥନ୍ ଓ ସାଇକେଲ ରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ମୁଖ୍ୟବକ୍ତା ବ୍ଲକ ଉପାଧକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଗୋକୁଳେଶ୍ୱର ଗ୍ରାମ ପଞ୍ଚାୟତ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, ସ୍ୱର୍ଗଦ୍ୱାର ସେବା ସଂଗଠନର ଅଧକ୍ଷ ତଥା ସାମାଜିକ କର୍ମୀ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । ଏଥିରେ କେସିଙ୍ଗା ପୋଲିସ, ଡାକ୍ତର ଓ କର୍ମଚାରୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ଗ୍ରାମ ପଞ୍ଚାୟତର ସମସ୍ତ ସ୍ୱେଚ୍ଛାସେବୀ, ମହିଳା ମଣ୍ଡଳ ସହଯୋଗ କରିଥିଲେ। ମିନି ମାରାଥନରେ ଯୁବକ ଓ ସାଇକେଲ ରାଲିରେ ଯୁବତୀମାନେ ଅଂଶଗ୍ରହଣ କରିଥିଲେ । ମହାଗାଠାରୁ ମାଟିଆ ଗ୍ରାମ ୬.୨୦୦ କିମି ଯାଏ ଏହି ମାରାଥାନ୍ ଓ ସାଇକେଲ ରାଲି କରାଯାଇଥିଲା। ବିଡିଓ, ବ୍ଲକ ଉପାଧକ୍ଷ ଓ ସରପଞ୍ଚ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ବହୁ ଯୁବତୀ ଯୁବକ ସାମିଲ ଥିଲେ ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ହାଇୱା ଚାଳକ ଗିରଫ

ପଦ୍ମପୁର, ୩।୧(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଥାନା ଅଧୀନ ଜଗଦଲପୁର ରାସ୍ତା ଦେଉଳୀ ଛକରେ ଗତ ରବିବାର ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୀତାମ୍ବର ବରିହା। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇ ଭିମ୍ସାର, ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ହାଇୱାକୁ ଜବତ କରିବା ସହ ଏହାର ଚାଳକ ସନ୍ତୋଷ ଷାଣ୍ଟଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଝାରବନ୍ଧ ଥାନା ଅଧୀନ ଗୋଠୁଗୁଡା ଗ୍ରାମର ପୀତାମ୍ବର ବରିହା ଓ ସଲଡିହ ଗ୍ରାମର ପୂର୍ଣ୍ଣ ଭୋଇ ଲଖମରା ନିକଟସ୍ଥ ଅଙ୍ଗ ନଦୀରେ ନିର୍ମାଣାଧୀନ ପୋଲ କାମ କରନ୍ତି। ଗତ ରବିବାର ସେମାନେ କାମ ସାରି ଏକ ବାଇକ (ନଂ. ଓଡି୧୭ୟୁ/୨୮୯୨) ଯୋଗେ ପଦ୍ମପୁର ଫେରୁଥିଲେ। ଏହି ସମୟରେ ବିପରୀତ ପଟରୁ ଆସୁଥିବା ଉକ୍ତ ହାଇୱା (ନଂ.ଓଡି୧୫କେ/୯୧୪୮) ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ପୀତାମ୍ବରଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଥାନାଧିକାରୀ ରାଜେନ୍ଦ୍ର ସିଅଲ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ମଙ୍ଗଳବାର ପୋଲିସ ଉକ୍ତ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା।

### ବରିଷ୍ଠ ନାଗରକ ସମ୍ବର୍ଦ୍ଧିତ

ପଦ୍ମପୁର,୩।୧(ଡି.ଏନ.ଏ.): ପଦ୍ମପୁରଠାରେ ବରିଷ୍ଠ ନାଗରିକମାନଙ୍କୁ ନେଇ ମଙ୍ଗଳବାର ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ନବୀନ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନାଗରିକ ବିଶିକେଶନ ଦୋରା, ପୀତାମ୍ବର ଗଡତିଆ, ଲକ୍ଷ୍ମୀନାରାୟଣ ଷଡଙ୍ଗୀ, କ୍ଷମାନିଧି ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ବିଧାୟିକା ବର୍ଷା ସିଂ ବରିହାଙ୍କୁ ସେମାନେ ପଦ୍ମପୁରର ବିକାଶ ପାଇଁ ମାର୍ଗଦର୍ଶନ ଦେଇଥିଲେ। ଗୋବିନ୍ଦ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରମୋଦ ପାଢୀ, ବେଣୁମାଧବ ଦୋରା, ଶ୍ୟାମପଦ ସିହ୍ନା, ନିରୋଜ ଦୋରା, ରବି ନାରାୟଣ ଦୋରା, ରାଜକିଶୋର ଯୋଷୀ, ମହମ୍ମଦ ଅସରଫ, ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନଗର ସଭାପତି ନବକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱକପ୍ ହକି ଟ୍ରଫିକୁ ବରପାଲିରେ ସ୍ୱାଗତ

ବରପାଲି,୩।୧(ଡି.ଏନ.ଏ.): ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପ୍ ହକି ଟୁର୍ନାମେଣ୍ଟ ପାଇଁ ଟ୍ରଫିକୁ ବରପାଲିରେ ଭବ୍ୟ ସାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭୁବନେଶ୍ୱରରୁ ବାହାରି ରାଉରକେଲା ଯାଉଥିବା ଏହି ଟ୍ରଫି ମଙ୍ଗଳବାର ବରପାଲି ସହରରେ ପହଞ୍ଚିଥିଲା। ଏହା ସୁବର୍ଣ୍ଣପୁର ଦେଇ ବରପାଲି ଆସିଥିଲା। ବରପାଲି ରାମପୁର ଜଗନ୍ନାଥ ସଡ଼କରେ ସିର୍କିଡି ଛକଠାରେ ପ୍ରଶାସନ ପକ୍ଷରୁ ଟ୍ରଫିକୁ ସ୍ୱାଗତ କରାଯାଇଥିଲା। ଏହି ସମାରୋହରେ ବରଗଡ଼ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କଲ୍ୟାଣୀ ପଣ୍ଡା, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ତହସିଲଦାର ସୀମା ସବିତା କୁଲୁ, ବିଇଓ ମକୁନ୍ଦ ମାହାର ଏବଂ ପୋଲିସ ପ୍ରଶାସନ ଉପସ୍ଥିତ ରହି ଟ୍ରଫିକୁ ସ୍ୱାଗତ କରିଥିଲେ। ଏଥିରେ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବରପାଲି କଲେଜ ସମ୍ମୁଖରେ ମଧ ଟ୍ରଫିକୁ ସ୍ୱାଗତ କରାଯାଇଥିଲା।

### ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ୧୦୪ ତମ ଜୟନ୍ତୀ

ପାଇକମାଳ,୩।୧(ଡି.ଏନ.ଏ.): ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରତିଷ୍ଠାତା ତଥା ଶ୍ରମିକ ନେତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ୧୦୪ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପଦ୍ମପୁର ଡିଭିଜନ ପକ୍ଷରୁ ନୃସିଂହନାଥ ସ୍ଥିତ କେନ୍ଦୁପତ୍ର ଗୋଦାମଠାରେ ଅନୁଷ୍ଠିତ ସଭାରେ ଶ୍ରମିକ ନେତା କୋକିଳ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଣ୍ଡିତଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସୋହେଲା, ମେଲଛାମୁଣ୍ଡା, ଗାଇସିଲେଟ, ଜଗଦଲପୁର, ପାଇକମାଳ, ପଦ୍ମପୁର, ମିଠାପାଲି, ଚୁହାପାଲି, ଝାରବନ୍ଧ ରେଞ୍ଜରୁ କେନ୍ଦୁପତ୍ର କର୍ମଚାରୀ ସଂଘର ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସଂଘର ନେତା ଋଷବ ପ୍ରଧାନ, ସୁରେଶ ପଣ୍ଡା, ବସନ୍ତ ସାହୁ, ଅରମାନ ଖାଁ, ଭାର୍ଗିକ ନାଗ, ମଧୁ ବେହେରା, ପ୍ରଫୁଲ୍ଲ କୁମାର, ଚୂଡାମଣି ପାଣୀଗ୍ରାହୀ, ବିଜୟ କୁମାର ମହାନ୍ତି, ଜୟରାମ ନାୟକ, ରଙ୍ଗମଣି ହୋତା, ମହେଶ୍ୱର ବରିହା, ଚକାମନ ପ୍ରଧାନ, ଘନଶ୍ୟାମ ଭୋଇ ପ୍ରମୁଖ ମତାମତ ରଖିଥିଲେ।

# ହକି ବିଶ୍ୱକପ୍ ଟ୍ରଫିକୁ ବୌଦ୍ଧରେ ବିପୁଳ ସ୍ୱାଗତ

ବୌଦ୍ଧ,୩।୧(ସ୍ୱ.ପ୍ର.)


ବୌଦ୍ଧରେ ହକି ବିଶ୍ୱକପ ଟ୍ରଫିକୁ ସ୍ୱାଗତ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ବୌଦ୍ଧ ଜିଲାରେ ହକି ବିଶ୍ୱକପ ଟ୍ରଫିକୁ ବିପୁଳ ସ୍ୱାଗତ କରାଯାଇଛି। ଗତ ସୋମବାର ରାତିରେ ମନମୁଣ୍ଡାଠାରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କ ନେତୃତ୍ୱରେ ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରାଯିବା ସହିତ ବୌଦ୍ଧ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା। ବୌଦ୍ଧରେ ଟ୍ରଫି ପହଞ୍ଚିବା ପରେ ଜିଲାପ୍ରଶାସନ ପକ୍ଷରୁ କଚେରୀ ଖେଳପଡିଆଠାରେ ସ୍ୱାଗତ କରାଯାଇଥିଲା। ମଙ୍ଗଳବାର ସକାଳୁ ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱକପ୍ ଟ୍ରଫିକୁ ଆଦର୍ଶ କୃଷକ ବଜାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାଗତ କରାଯାଇଥିଲା। ଏଥିସହିତ ଏକ ମିନି ମାରାଥନ ଓ ବାଇକ୍ ରାଲି ବାହାରି କଚେରୀ ପଡିଆ, ହାତୀଶାଳଛକ,ବାଘଗୁଡା ଛକ ଦେଇ ସହର ପରିକ୍ରମା କରିବା ପରେ ପୁଣିଥରେ କୃଷକ ବଜାରଠାରେ ପହଞ୍ଚିଥିଲା। ପରେ ସ୍ଥାନୀୟ କଚେରୀ ଖେଳପଡିଆଠାରେ ଜିଲା ପ୍ରଶାସନ ପକ୍ଷରୁ ୧୦୮ ଫୁଟ୍‌ର ହକିଷ୍ଟିକ୍‌କୁ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସତ୍ୟ ରଞ୍ଜନ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାଇ ମିନା,ଏନଏସି ଅଧ୍ୟକ୍ଷ ମତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର,ଉପଜିଲାପାଳ ରବିନ୍ଦ୍ର ନାଥ କହଁର ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉପସ୍ଥିତ ରହି ବିଶ୍ୱକପ ଟ୍ରଫିକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଗେହ୍ଲାମା କଳାନିକେତନ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଖେଳାଳିମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗୁ ପୁରା ବୌଦ୍ଧ ସହର କମ୍ପି ଉଠିଥିଲା। ପରେ ବିଶ୍ୱକପ୍ ଟ୍ରଫିକୁ ଏକ ବିରାଟ ଶୋଭାଯାତ୍ରାରେ ସୁବର୍ଣ୍ଣପୁର ନିଆଯାଇଥିବା ବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା।

**ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଲା ସହର**

## ଜମଲାକୁ ବ୍ଲକ ମାନ୍ୟତା ଦାବି ଜୋର୍ ଧରିଲା



ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ।

ପଦ୍ମପୁର, ୩।୧(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଧୀନ ଜମଲାକୁ ବ୍ଲକ ମାନ୍ୟତା ଦେବା ପାଇଁ ମଙ୍ଗଳବାର ରାମଚନ୍ଦ୍ର ବାଜପେୟୀଙ୍କ ସଭାପତିତ୍ୱରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ଅଜିତ ଶତପଥୀ ଯୋଗଦେଇ ସମସ୍ତ ପ୍ରକାର ଆଇନଗତ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୧୬ଟି ପଞ୍ଚାୟତକୁ ନେଇ ଜମଲା ବ୍ଲକ ଗଠନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜମଲା, କଟାବାହାଲ, ତାଲପାଲି, ଡଙ୍ଗାଘାଟ, ବରିହାପାଲି, ସର୍ଗିବାହାଲ ଆଦି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ଜମଲା ଗ୍ରାମପଞ୍ଚାୟତ କ୍ରିୟାନୁଷ୍ଠାନ କମିଟିର ୧୫ ସଦସ୍ୟ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଜମଲା ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ପୁରୋହିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ରହିମ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନବୀନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳଙ୍କୁ ଅଭିଯୋଗ କଲେ ତଳଗାଁ ପଞ୍ଚାୟତବାସୀ


ଜିଲାପାଳଙ୍କ ପାଖରେ ତଳଗାଁ ପଞ୍ଚାୟତବାସୀଙ୍କ ଫେରାଦ।

ବୌଦ୍ଧ,୩।୧(ସ୍ୱ.ପ୍ର.)

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ମଙ୍ଗଳବାର ଦିନ ପଞ୍ଚୟତବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତଳଗାଁ ପଞ୍ଚୟତର ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ତାଲିକାଭୁକ୍ତ ହୋଇଥିଲା । ହେଲେ ପଞ୍ଚାୟତର ପିଇଓ, ଜିଆରଏସ, ଜେଇ ଭୁଲ ତଥ୍ୟ ଦର୍ଶାଇ ଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ଦେଇ ବହୁ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକଭୁକ୍ତ କରିଛନ୍ତି । ବାଦ ପଡିଥିବା ବ୍ୟକ୍ତିମାନେ ସମସ୍ତେ ଗରିବ, ଆଦିବାସୀ, ହରିଜନ ଓ ମୂଳିଆ ଶ୍ରେଣୀର । ଏନେଇ ଉପଯୁକ୍ତ ତଦନ୍ତ କରା ନ ଯାଇ ସେମାନଙ୍କ ନାମକୁ କାଟି ଦିଆଯାଇଛି । ଏଣୁ ତଦନ୍ତ କରି ତାଲିକାରୁ ବାଦ ପଡିଥିବା ହିତାଧିକାରୀଙ୍କୁ ୭ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଦେବାର ବ୍ୟବସ୍ଥା କରାଯାଇ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ଦାବି ହୋଇଛି । ନଚେତ୍ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବା ସଙ୍ଗେ ସଙ୍ଗେ ଆଇନର ଆଶ୍ରୟ ନେବାକୁ ବାଧ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ପଞ୍ଚାୟତର ବାବୁଲା ପ୍ରଧାନ, ଅମିତାଭ ପ୍ରଧାନ, ଗଦାଧର ବେହେରା, ରାଜେଶ ମଲିକ,ଯୋଗେନ୍ଦ୍ର ବିନ୍ଧାଣୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ସାବିତ୍ରୀବାଈ ଫୁଲେଙ୍କ ଜନ୍ମ ଦିବସ ପାଳିତ

କଣ୍ଟାବାଞ୍ଜି, ୩।୧(ଡି.ଏନ.ଏ.)

ବଲାଙ୍ଗୀର କୋଶେଳେଶ୍ୱର ମାଳି ସମାଜ ବିକାଶ ପରିଷଦ ଦ୍ୱାରା କଂଟାବାଂଜି କୁକୁଡାହାଡ ଗାଁରେ ସାବିତ୍ରୀ ବାଇ ଜ୍ୟୋତିରାଓ ଫୁଲେଙ୍କ ୧୯୨ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଶାର ୧୧ଟି ବିଭିନ୍ନ ଜିଲା ମାଳି ସମାଜ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମାଳି ସମାଜ ବଲାଙ୍ଗୀର ଜିଲା ସଭାପତି କାର୍ତ୍ତିକ ପୁଟେଲଙ୍କ ନେତୃତ୍ୱରେ ପଦାଧିକାରୀ ଓସମାଜ ସଦସ୍ୟମାନେ ସ୍ଥାନୀୟ ହେମାଲ ସଂଘ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି କୁକୁଡାହାଡସ୍ଥିତ ସାମାଜିକ ସଭାସ୍ଥଳରେ ପହଞ୍ଚିଥିଲା। ମୁଖ୍ୟ ଅତିଥିଭାବେ ମୁରିବାହାଲ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ରାଜ୍ୟ ସଭାପତି ବାସୁଦେବ ମାର୍ଥା, ସମ୍ମାନିତ ଅତିଥିଭାବେ ଉପସଭାପତି ଦାରାସିଂ ପୁଟେଲ, ଅମିତ ପୁଟେଲ, ସୁନାରାମ ପୁଟେଲ, ନିତିନ କୁମାର ପଟେଲ, ମୁଖ୍ୟବକ୍ତାଭାବେ ଅନିରୁଦ୍ଧ କୁରୁକୁରିଆ, ମୋହନ ପୁଟେଲ, ଅଭୟ କୁମାର ଚୌଧୁରୀ ମଞ୍ଚାସୀନ ଥିଲେ।

## ବେସରକାରୀ ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ



ଗଞ୍ଜେଇ ସହ ଆମ୍ବୁଲାନ୍ସ।

କନ୍ଧମାଳ,୩।୧(ଡି.ଏନ.ଏ.)

**୯୪ କିଲୋ ଗଞ୍ଜେଇ ଜବତ: ୨ ଅଭିଯୁକ୍ତ ଗିରଫ**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ସଗଡା–ଗୁନ୍ଦୁଲିଆ ରାସ୍ତାରେ ମଙ୍ଗଳବାର ଏକ ବେସରକାରୀ ଆମ୍ବୁଲାନ୍ସ ଯୋଗେ ଗଞ୍ଜେଇ ଚୋରା ଚାଲାଣ ବେଳେ ପୋଲିସ ଚଢାଉ କରି ୯୪ କିଲୋ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯିବା ସହ ଆମ୍ବୁଲାନ୍ସ ଜବତ ହୋଇଛି। ପ୍ରକାଶ ଯେ, କନ୍ଧମାଳ ଜିଲାର ଗୋଛାପଡା ଅଞ୍ଚଳରୁ ଆମ୍ବୁଲାନ୍ସ ଯୋଗେ ବରଗଡ ଜିଲାକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା । ଖବର ପାଇ ପୋଲିସ ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ଶଗଡା ଫାଣ୍ଡିର ଗୁନ୍ଦୁଲିଆ ରାସ୍ତାରେ ଆମ୍ବୁଲାନ୍ସକୁ ପିଛା କରି ଧରିଥିଲା । ପୋଲିସ ୩ ଗୋଟି ଜରି ବସ୍ତାରୁ ୯୪ କେଜି ଗଞ୍ଜେଇ ଜବତ କରିଥିଲା । ଗଞ୍ଜେଇ ଚାଲାଣ ଅଭିଯୋଗରେ ପୋଲିସ ମନମୁଣ୍ଡା ଥାନା ଆଙ୍କୁନ ଗ୍ରାମର ପ୍ରଶାନ୍ତ ଗୁରୁ ଓ ବରଗଡ ଜିଲାର କୌଳାଶ ସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି । ବୌଦ୍ଧ ଏସ୍‌ଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି ।

## ଡୋକରିଚଞ୍ଚରାରେ ଡୋକରୀ ଦେବୀଙ୍କ ମଣ୍ଡେଇ ଯାତ୍ରା

କୋକସରା,୩।୧(ଡି.ଏନ.ଏ.)


ମଣ୍ଡେଇ ଯାତ୍ରାରେ ଲାଠି କୁର୍ସି ବୁଲାଯାଉଛି।

କଳାହାଣ୍ଡି ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରା ଠାରେ ମଙ୍ଗଳବାର ଗୁଡହାଣ୍ଡି ଉନ୍ନୟନ କମିଟି ପକ୍ଷରୁ ଡୋକରୀ ଦେବୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଡୋକରୀ ଦେବୀଙ୍କ ନାମରେ ନାମିତ ଡୋକରିଚଞ୍ଚରା ପର୍ଯ୍ୟଟନସ୍ଥଳୀ ରହିଛି। ଏହି ସ୍ଥାନର ଆରାଧ୍ୟ ଦେବୀ ଓ ପାର୍ଶ୍ୱ ଦେବୀଙ୍କ ମଣ୍ଡେଇ ଯାତ୍ରା ପାଇଁ ପର୍ଯ୍ୟଟନସ୍ଥଳୀ ଉତ୍ସବମୁଖର ହୋଇଉଠିଛି । ସୋମବାର ଅପରାହ୍ନରେ ଅଧିବାସ ସହ ମଙ୍ଗଳବାର ସକାଳୁ ଡୋକରୀ ଦେବୀଙ୍କ ପୀଠରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଡୋକାରୀ ଦେବୀ, ବସ୍ତରେନ ମାଉଳି, ପାଟଦାୟିନୀ, ଠାକୁରାଣୀ ଓ ଦଣ୍ଡ ପାଟିଆଣୀ ପାର୍ଶ୍ୱ ଦେବୀମାନେ ଲାଠିକୁର୍ସି ସହ ଡୋକରିଦେବୀଙ୍କ ପୀଠରେ ପହଞ୍ଚିଥିଲେ। ଏହାପରେ ସମସ୍ତ ଦେବାଦେବୀଙ୍କୁ ପୂଜକ ସୁକଚନ ପୂଝାରି, ରତନ ପୂଝାରି, ଚିତ୍ରସେନ ମାଝୀ ପୂଜାର୍ଚ୍ଚନା କରିଥିଲେ । ଶିରାଙ୍କ ଦେହରେ କାଳିସୀ ବିରାଜମାନ କରିବା ପରେ ଦେବାଦେବୀଙ୍କ ଲାଠିକୁର୍ସି ପରିକ୍ରମା କରାଯାଇଥିଲା। ଏହି ଅବସରରେ ଦେବୀଙ୍କ ପୀଠରେ ମାନସିକଧାରୀମାନେ ଶୁକ୍ଲଭୋଗ ସହ କୁକୁଡ଼ା, ପାରା ଆଦି ବଳି ଦେଇଥିଲେ। ମଣ୍ଡେଇ ଯାତ୍ରା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋକସରା ତହସିଲଦାର ଦେବବ୍ରତ କରାଟି, ଆମ୍ବା ଅଧ୍ୟକ୍ଷ ରତୁରାଜ ମାଝୀ ଯୋଗ ଦେଇଥିଲେ।

## ଜମିକୁ କେନ୍ଦ୍ରକରି ଗଣ୍ଡଗୋଳ: ୨ ଆହତ

ଦେଓଗାଁ,୩।୧(ଡି.ଏନ.ଏ.)

ଦେଓଗାଁ ଥାନା ଅନ୍ତର୍ଗତ ବର୍ଲାରେ ଜମି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦେଓଗାଁଥାନା ଓ ତୁଷୁରା ଥାନା ସୀମାବର୍ତ୍ତିସ୍ଥାନ ବର୍ଲା ନିକଟରେ ଡିସେମ୍ବର ୨୪ତାରିଖରେ ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ବୈଠକ ବସିଥିଲା। ସେହି ବୈଠକରେ ଲଳିତା ସୁନା ନିକଟସ୍ଥ ଏକ ସରକାରୀ ଜମିରେ ରହିବାପାଇଁ ଗାଁ ଲୋକଙ୍କୁ ଅନୁରୋଧ କରିଥିଲେ । ସମସ୍ତଙ୍କ ସହମତିରେ ଉକ୍ତ ସ୍ଥାନରେ ତାଙ୍କୁ ରହିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ୨ ତାରିଖ ଦିନ ବିଷ୍ଣୁ ହରପାଲ, ସୁରୁ ହରପାଲ ଓ ଯୁଧିଷ୍ଠିର ହରପାଲ ଜମି ଚିହ୍ନଟ ପାଇଁ ଉକ୍ତ ସ୍ଥାନକୁ ଯାଇଥିଲେ। ଏହି ସମୟରେ ପୂର୍ବରୁ ଉକ୍ତ ସ୍ଥାନରେ ରହୁଥିବା କେତେକ ପରିବାର ସେମାନଙ୍କୁ ଆକ୍ରମଣ କରିଥିଲେ । ଏଥିରେ ବିଷ୍ଣୁ, ସୁରୁ ଓ ଯୁଧିଷ୍ଠିର ଆହତ ହୋଇଥିଲେ।

## ଛତିଶଗଡ଼ ଦଳ ବିଜୟୀ

ବରପାଲି,୩।୧(ଡି.ଏନ.ଏ.)

**କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ବରପାଲିର ୟଙ୍ଗ ଷ୍ଟାର ୟୁଥ ଆସୋସିଏଶନ ଆନୁକୂଲ୍ୟରେ ମଙ୍ଗଳବାର ସମଲେଶ୍ୱରୀ ଚ୍ୟାଲେଞ୍ଜର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବୟନ ଓ ହସ୍ତତନ୍ତ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଥମ ମ୍ୟାଚ୍ ବରପାଲି ଓ ଛତିଶଗଡ଼ ମଧ୍ୟରେ ହୋଇଥିଲା। ଛତିଶଗଡ଼ ଦଳ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୩ ଉଇକେଟ ବିନିମୟରେ ୨୪୪ ରନ ସଂଗ୍ରହ କରିଥିଲେ। ଦଳର ଖେଳାଳି ହରବିନ୍ଦର ସିଂ ୮୭ ବଲରେ ୧୩୨ ରନ ସଂଗ୍ରହ କରିଥିଲେ। ଜବାବରେ ବରପାଲି ଦଳ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ବିନିମୟରେ ୨୦୧ ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ମ୍ୟାଚ୍‌କୁ ପ୍ରଦୀପ ଦାଶ ଓ ଗୁରୁପ୍ରୀତ ସିଂ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ନାଗପୁର, ବିଶାଖାପାଟଣା, ରାଞ୍ଚି, କଟକ, ଭୁବନେଶ୍ୱର, ଝାରସୁଗୁଡ଼ା ଆଦି ମୋଟ ୮ଟି କ୍ରିକେଟ ଦଳ ଭାଗ ନେବେ ବୋଲି ଅନୁଷ୍ଠାନର ସଭାପତି ଗିରିଧାରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

ତୁଣ୍ଡଲା,୩।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିଁଯାପାଲି ପଞ୍ଚାୟତ ପକ୍ଷରୁ ୨୫ତମ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଘୁମୁରା ଉତ୍ସବ ଅବସରପ୍ରାପ୍ତ ଶିକ୍ଷକ ମକଳିଙ୍ଗ ଗହୀରଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ଦିଗସିରା ଶିବମନ୍ଦିରଠାରୁ ମଶାଲ ଶୋଭାଯାତ୍ରା କରାଯାଇଥିଲା । ଦିଗସିରା ଛକଠାରେ ମଶାଲକୁ ସ୍ୱାଗତ କରାଯାଇ ସାପଲହରାରୁ ଆସିଥିବା ଘୁମୁରା ବାଜା ବଜାଯାଇ ସିଁଯାପାଲି ପଞ୍ଚାୟତ ପରିସରକୁ ନିଆଯାଇଥିଲା। ସିଁଯାପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ଦାଶଙ୍କ ଦ୍ୱାରା ମଞ୍ଚରେ ମଶାଲ ସ୍ଥାପନ କରାଯାଇଥିଲା। ବାଦିପଡା, ଦିଗସିରା, ସିଁଯାପାଲି ସ୍କୁଲର ଛାତ୍ରୀଛାତ୍ର, ଯୁବତୀଯୁବକ ମଞ୍ଚରେ ଘୁମୁରା ନୃତ୍ୟ, ଝୋଟି, ହୁଳହୁଳି ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ସମ୍ବଲପୁରୀ ଲୋକଗୀତ, ଡ୍ୟାନ୍ସ, ଦଳଗତ ନୃତ୍ୟ ଘୁମୁରା ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ ସେନାପତି, ମୁଖ୍ୟବକ୍ତା ଭାବେ ସମିତି ସଭ୍ୟା ସୀତୟା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦୀପାଞ୍ଜଳି ସାହୁ ଯୋଗ ଦେଇଥିଲେ । ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଜିଆରଏସ, ମିଶନ ଶକ୍ତିର ଏମବିକେ ଓ ସମସ୍ତ ସିଆରପି, ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସିଁଯାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଜି. କ୍ରିଷ୍ଣା ରେଡି ମଞ୍ଚ ପରିଚାଳନା କରିଥିଲେ।

## ସ୍କୁଲରେ ପୁଣି ତାଲା ପକାଇଲେ ଗ୍ରାମବାସୀ

ବେହେରା,୩।୧(ଡି.ଏନ.ଏ.)



ଆନ୍ଦୋଳନରତ ଗ୍ରାମବାସୀ।

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଗୁଡା ଗ୍ରାମବାସୀ ମଙ୍ଗଳବାର ପୁଣିଥରେ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ମାରି ଅନ୍ଦୋଳନରେ ବସିଛନ୍ତି। ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିବା ଜାଣି ଗ୍ରାମବାସୀ ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବେହେରାଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୧୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଛନ୍ତି। ସେହି ଅନୁପାତରେ ଶିକ୍ଷକ ସଂଖ୍ୟା କମ୍ ଥିବା ସତ୍ତ୍ୱେ ପୁଣି ଜଣେ ଶିକ୍ଷୟିତ୍ରୀଙ୍କୁ କେଉଁ ସ୍ୱାର୍ଥରେ ବଦଳି କରାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଗତ ଜୁନ ମାସରେ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଏହି ଗ୍ରାମବାସୀ ୧୧ ଦିନ ଧରି ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଉକ୍ତ ବିଦ୍ୟାଳୟର ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କ ପ୍ରଶ୍ନବାଣ ସମ୍ପର୍କିତ ଭିଡିଓ ସାରା ଓଡିଶାରେ ଚହଳ ପକାଇଥିଲା। ଉକ୍ତ ବିଦ୍ୟାଳୟକୁ ୩ ଜଣ ଶିକ୍ଷକ ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା କିନ୍ତୁ ଏହାର ୬ମାସ ପରେ ପୁଣି ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ହେବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେଲା ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଉ ବୋଲି ଗ୍ରାମବାସୀ ଜିଦ୍ ଧରି ବସିଛନ୍ତ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସାହିତ୍ୟ ଆସର, ପଲ୍ଲୀ ପୁସ୍ତକ ଉନ୍ମୋଚନ

ରାଉରକେଲା ଅଫିସ : ରାଉରକେଲା ବାସନ୍ତୀ ପାଠାଗାର ପରିସରରେ ମାସିକ ସାହିତ୍ୟ ଆସର ଓ ସହରରୁ ପଲ୍ଲୀ ପୁସ୍ତକ ଉନ୍ମୋଚନ ଉତ୍ସବ କାର୍ଯ୍ୟକାରୀ ସଭାପତି ବିଭୁଦତ୍ତ ବେହେରାଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରଶ୍ମିବାଳା ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପାଠାଗାର ସମ୍ପାଦକ ବିକ୍ରମ ଆଚାର୍ଯ୍ୟଙ୍କ ଗଳ୍ପ ସଙ୍କଳନ 'ସହରରୁ ପଲ୍ଲୀ' ପୁସ୍ତକ ଉନ୍ମୋଚନ ହୋଇଥିଲା। ସମୀକ୍ଷକ ଭାବେ ରାଜକୁମାର ମହାନ୍ତି ଯୋଗଦେଇ ଲେଖକ ଆଚାର୍ଯ୍ୟଙ୍କ ପୁସ୍ତକରେ ଥିବା ୧୯ଟି ଗଳ୍ପର ମାର୍ମିକ ସମୀକ୍ଷା କରିଥିଲେ। ସହରର କବିୟିତ୍ରୀ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ।

## ସଂକ୍ଷେପରେ

### ପିକ୍ଅପ୍ ଭ୍ୟାନ ସହିତ କାର ଧକ୍କା

ଲହୁଣୀପଡ଼ା,୩।୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ସମରଦରୀଠାରେ ମଙ୍ଗଳବାର ଦିନ ସାଢ଼େ ଗୋଟାଏ ସମୟରେ ପିକ୍ଅପ୍ ଭ୍ୟାନ ସହିତ କାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କେ.ବଲାଙ୍ଗର ମୁରାରୀ ଲାଲ ଜୟସ୍ୱାଲ ଓଡ଼ି ୧୪ୱାଇ-୫୫୨୧ ନଂ. କାର ଯୋଗେ ରାଉରକେଲା ପଟୁ ଆସୁଥିବାବେଳେ ବିପରୀତ ଦିଗରୁ ଯାଉଥିବା ପିକ୍ଅପ ଭ୍ୟାନ ଓଡ଼ି୧୪ୱାଇ -୨୯୪୪ ନଂ. ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରରେ ଥିବା ମୁରାରୀ ଲାଲ ଗୁରୁତର ଆହତ ହୋଇଥିଲେ। କାର ରାସ୍ତାରୁ ଜମିକୁ ପଶି ଯାଇଥିଲା। ମୁରାରୀ ଲାଲଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସୁନ୍ଦରଗଡ଼, ରାଉରକେଲାରେ ପ୍ରସ୍ତୁତି ବୈଠକ

ରାଉରକେଲା ଅଫିସ/ ସୁନ୍ଦରଗଡ଼,୩।୧ (ଡି.ଏନ୍.ଏ.): ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମର ଉଦ୍‌ଘାଟନ ପାଇଁ ଆସନ୍ତା ୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ ରାଉରକେଲା ବିଧାୟକ ତଥା ଜିଲା ସଭାପତି ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଗସ୍ତକୁ ସଫଳ କରିବା ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଯୋଗ ଦେଇଥିଲେ। ବୀରମିତ୍ରପୁର, ବଣାଇଗଡ, ରାଉରକେଲା, ରଘୁନାଥପାଲି ଓ ଅନ୍ୟ ବ୍ଲକର ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆଗମନର ବିବରଣୀ ଓ କାର୍ଯ୍ୟକ୍ରମ ବିଷୟରେ ମନ୍ତ୍ରୀ ଘଡେଇ ଅବଗତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ କିପରି ସଫଳ କରିହେବ ଆଲୋଚନା କରିଥିଲେ। ବୈଠକରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ଭୀମ ଚୌଧୁରୀ, ନିହାର ସୋରେନ, ସନ୍ଦୀପ ମିଶ୍ର, ଜିଲା ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ସୋମନାଥ ରାହା, ଭଗବତ ସାହୁ, ରାଜେନ୍ଦ୍ର କୁଜୁର, ଫୁଲମାନୀ କେରକେଟା, ପର୍ଶୁମୋହନ ପାତ୍ର, ମୁନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ଘଡେଇଙ୍କ ସହ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ପୂର୍ବତନ ବିଧାୟକ ଯୋଗେଶ ସିଂ, ପୂର୍ବତନ ବିଧାୟକ ଡ଼. ପ୍ରଫୁଲ୍ଲ ମାଝି, ସନ୍ତୋଷ ଅମାତ, ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ଅଧକ୍ଷ ତଥା ଡବ୍ଲ୍ୟୁଡିସି ଏକ୍ସପାର୍ଟ ମେମ୍ବର ବୈକୁଣ୍ଠ ନାଏକ, ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ଉପାଧକ୍ଷ ଲଲାଟେନ୍ଦୁ ପରିଡ଼ା, ଜିଲା ପରିଷଦ ସଭ୍ୟାସଭ୍ୟ ଜୟନ୍ତୀ ଏକ୍କା, ଅଶ୍ୱିନୀ ନାଏକ, ବିନୋଦ କୁଜୁର, ବୈଷ୍ଣବ ମାଝୀ, ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ବାଲିଶଙ୍କରା ପଞ୍ଚାୟତ ସମିତି ଅଧକ୍ଷା କୁଞ୍ଜଲତା ଭିତ୍ରିଆ,ବରିଷ୍ଠ ନେତା ସୁକାନ୍ତ ପତି, ବେଣୁଧର ତାଣ୍ଡିଆ, ଗୌରାଙ୍ଗ ଧଳ,ଜୟ ନାରାୟଣ ତ୍ରିପାଠୀ, ଅନିଲ ମହାପାତ୍ରଙ୍କ ସମେତ ସୁନ୍ଦରଗଡ଼ ମ୍ୟୁନିସିପାଲିଟିର ସମସ୍ତ କାଉନସିଲର ପ୍ରମୁଖ ଯୋଗଦେଇଥିଲେ।

### ଲୋକନାଟକ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା ଅଫିସ,୩।୧: ସେକ୍ଟର-୧୯ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ରାଉରକେଲା କଲ୍‌ଚରାଲ ଏକାଡେମୀ ପକ୍ଷରୁ ୩୫ତମ ଲୋକନାଟକ ମହୋତ୍ସବ ସଭାପତି ଡ. ପ୍ରଭାତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଉତ୍ସବରେ ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି, ଆର୍‌ଏସ୍‌ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରମୋଦ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ନୃସିଂହ ଚରଣ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାଧାରଣ ସମ୍ପାଦକ ଅକ୍ଷୟ ସାମଲ କାର୍ଯ୍ୟକ୍ରମ ସଞ୍ଚାଳନା ପରିଚାଳନା ଓ ପରେଶ ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ପ୍ରଥମ ଦିବସରେ ନାଟ୍ୟାନୁଷ୍ଠାନ କଳିଙ୍ଗ କଳା ପରିଷଦ ପକ୍ଷରୁ 'ଇଲିସି ନାଆ' ନାଟକ ପରିବେଷଣ କରାଯାଇଥିଲା। ଏକାଡେମୀ ସଦସ୍ୟ ଡ. ଶ୍ରୀକାନ୍ତ ମହାନ୍ତ, ଡ. କୃପାସିନ୍ଧୁ ନାୟକ, କେଦାର ନାଥ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ଡ. ନଗେନ ଦାସ, ନୃସିଂହ ରାଉତ, ନିକୁଞ୍ଜ ରାଉତରାୟ, ବଳରାମ ବରାଳ ସହଯୋଗ କରିଥିଲେ। ଉପସଭାପତି ପଶୁପତିନାଥ ଚାଟାର୍ଜୀ ଧନ୍ୟବାଦ ଦେଇଥିଲେ।

# କରମା, ଖଡିଆ, କିଷାନ ନୃତ୍ୟ ପରିବେଷଣ

- ପୁରୁଷ ହକି ବିଶ୍ୱକପ ଅବସରରେ ସବୁଠି କାର୍ଯ୍ୟକ୍ରମ
- ସୁନ୍ଦରଗଡ଼ ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଆରମ୍ଭ

ସୁନ୍ଦରଗଡ଼, ୩।୧(ଡି.ଏନ୍.ଏ.)

ପୁରୁଷ ହକି ବିଶ୍ୱକପ ଅବସରରେ ସୁନ୍ଦରଗଡ଼ ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଆରମ୍ଭ ହୋଇଛି। ମଙ୍ଗଳବାର ଜିଲା ସଦର ମହକୁମାସ୍ଥିତ ଜିଲାସଂସ୍କୃତି ଭବନଠାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଉପଖଣ୍ଡର ୯ଟି ବ୍ଲକରୁ ୩୮ଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ। ସେମାନେ ଝୁମେର, କରମା, ଖଡିଆ, ଓରାମ, କିଷାନ ନୃତ୍ୟ ପରିବେଷଣ ସହିତ ପାଲା ଓ ସଂକୀର୍ତ୍ତନ ଆଦି ପ୍ରଦର୍ଶନ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଓ କଳାକାରମାନଙ୍କ ପାରମ୍ପରିକ ବେଶଭୂଷା ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ କୁଲଦୀପ ଖାଖା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ରହି


ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରୁଛନ୍ତି।



ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଶୁଭାରମ୍ଭ ମୁହୂର୍ତ୍ତ।

କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ହକିକୁ ନେଇ ସ୍ୱତନ୍ତ୍ର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। କଳାକାରମାନେ ହାତରେ ହକି ଷ୍ଟିକ ଧରି ନୃତ୍ୟ ପରିବେଷଣ କରିବା ସହ ହକି ପୁରୁଷ ବିଶ୍ୱକପ୍‌କୁ ସ୍ୱାଗତ କରିଥିଲେ। ଆସନ୍ତା ୫ ତାରିଖରେ ରାଉରକେଲାସ୍ଥିତ ଭଞ୍ଜ ଭବନଠାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବଣାଇ ଏବଂ ପାନପୋଷ ଉପଖଣ୍ଡର ୩୬ ଟି ସାଂସ୍କୃତିକ ଦଳ ଭିତରେ ପ୍ରତିଯୋଗିତା କରାଯିବ। ଉଭୟ ପ୍ରତିଯୋଗିତାରୁ ଚୟନ ହୋଇଥିବା ମୋଟ ୧୦ଟି ଦଳକୁ ନେଇ ଜାନୁୟାରୀ ୭ରେ ଚୂଡାନ୍ତ ପ୍ରତିଯୋଗିତା ହେବ। ଆଜିର ଏହି ସାଂସ୍କୃତିକ ପ୍ରତିଯୋଗିତାରେ ବିଚାରକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଦୋଳ ଗୋବିନ୍ଦ ଗର୍ଡିଆ, ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଦେଷ୍ଣା ରାଣୀ ରାଉତ, ସଙ୍ଗୀତ ବିଶାରଦ ସୁରେନ୍ଦ୍ର ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ଦେବଗଡ଼ରେ ୫ରେ ହକି ବିଶ୍ୱକପକୁ ସ୍ୱାଗତ

ଦେବଗଡ଼, ୩।୧ (ଡି.ଏନ୍.ଏ.)

ଆଗାମୀ ଜାନୁଆରୀ ୧୩ ତାରିଖ ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ହକି ବିଶ୍ୱକପକୁ ସ୍ମରଣ କରିବା ପାଇଁ ରାଜ୍ୟର ସମସ୍ତ ଜିଲାରେ ହକି ବିଶ୍ୱକପ ଟ୍ରଫି ପରିକ୍ରମା କରୁଛି। ଏହି କ୍ରମରେ ଆସନ୍ତା ୪ ତାରିଖ ହକି ବିଶ୍ୱକପ ଟ୍ରଫି ଦେବଗଡ଼ରେ ପହଞ୍ଚିବ ଓ ୫ ତାରିଖ ସକାଳେ ଜିଲାରେ ଟ୍ରଫିକୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ଅଧକ୍ଷତରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଫିକୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ପାଇଁ ସକାଳ ୬ରୁ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରୁ ଛାତ୍ରୀଛାତ୍ର ଓ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ମିନି ମାରାଥନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବ। ଟ୍ରଫି ପ୍ରଧାନପାଟ, ବସଷ୍ଟାଣ୍ଡ, ଗୋପୋବନ୍ଧୁ ଛକ, ହାତିସାଲ ଛକ, ଉଲ୍ଟ ବରଗଛ ଛକ ଦେଇ ଇନ୍ଦିରାଗାନ୍ଧି ଷ୍ଟାଡିୟମ ପହଞ୍ଚିବ। ଟ୍ରଫିକୁ ସାଧାରଣ ଜନତା ସ୍ୱାଗତ କରିବେ। ଜିଲା ପ୍ରଶାସନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ବୈଠକରେ ଜରୁରୀକାଳୀନ ଅଧିକାରୀ ସୁଶାନ୍ତ ନାଏକ, ଭାରପ୍ରାପ୍ତ କ୍ରୀଡ଼ା ଅଧିକାରୀ କୈବଲ୍ୟ କର, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ।

## ଆନ୍ତଃ ବିଶ୍ୱବିଦ୍ୟାଳୟ ହକି

ରାଉରକେଲା ଅଫିସ,୩।୧

ରାଉରକେଲାରେ ବିଶ୍ୱକପ୍ ହକି ମ୍ୟାଚ୍ ଥିବାବେଳେ ଷ୍ଟିଲସିଟିକୁ ହକିମୟ କରିବା ପାଇଁ ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତା ଆୟୋଜନ ହେଉଛି। ଏହି ପ୍ରତିଯୋଗିତା ପାନପୋଷ କ୍ରୀଡା ଛାତ୍ରାବାସ ପଡିଆରେ ଆସନ୍ତା ୫ତାରିଖରେ ଆରମ୍ଭ ହୋଇ ୪ଦିନ ଧରି ଚାଲିବ। ବିଶ୍ୱବିଦ୍ୟାଳୟ ସ୍ତରୀୟ ଏହି ହକି ପ୍ରତିଯୋଗିତାରେ ରାଜ୍ୟର ୧୨ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମ୍ବଲପୁର, ବ୍ରହ୍ମପୁର, ରେଭେନ୍ସା, କଳାହାଣ୍ଡି, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଏମ୍‌ଏସ୍‌ବି, ଫକୀର ମୋହନ ବିଶ୍ୱବିଦ୍ୟାଳୟ, କିଟ୍, ଉତ୍କଳ, ଖଲିକୋଟ୍ ଆଦି ବିଶ୍ୱବିଦ୍ୟାଳୟର ଖେଳାଳିମାନେ ହକି ଖେଳ ପ୍ରଦର୍ଶନ କରିବେ ବୋଲି ଜଣାପଡିଛି।

# ହକି ବିଶ୍ୱକପ ପାଇଁ ଡାଲମିଆ ମହାବିଦ୍ୟାଳୟ ପକ୍ଷରୁ ପଦଯାତ୍ରା



ଡାଲମିଆ ମହାବିଦ୍ୟାଳୟ ପକ୍ଷରୁ ପଦଯାତ୍ରା।

କୁତ୍ରା,୩।୧(ଡି.ଏନ.ଏ)

ବିଶ୍ୱକପ ହକି ରାଉରକେଲାଠାରେ ଆସନ୍ତା ୧୩ ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବିଶ୍ୱକପ ପାଇଁ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଉତ୍ସାହ ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ମଧ ସମସ୍ତଙ୍କୁ ଉତ୍ସାହିତ କରିବା ପାଇଁ ସବୁଠି କ୍ରିଡା, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର କୁତ୍ରା ବ୍ଲକ ଖାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟ ଅଧକ୍ଷା ଡ. ହିରନ ଲୁଗୁନଙ୍କ ଅଧକ୍ଷତାରେ ପଦଯାତ୍ରା ହୋଇଥିଲା। ମହାବିଦ୍ୟାଳୟଠାରୁ ଆରମ୍ଭ ହୋଇ ଜାମପାଲି ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ଏସ୍‌ଡ଼ିପିଓ ଅଭିଷେକ ପାଣିଗ୍ରାହୀ, କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶି ଯୋଗଦେଇଥିଲେ। ସମସ୍ତ ଅଧାପିକା ଅଧାପକଙ୍କ ସହିତ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପଦଯାତ୍ରାରେ ଭାଗ ନେଇଥିଲେ।

# ଫୁଟବଲ: ହମିରପୁର, ଜଲଦା ବିଜୟୀ

ରାଉରକେଲା ଅଫିସ,୩।୧

ବନ୍ଧମୁଣ୍ଡା ଡି କ୍ୟାବିନ ସ୍ଥିତ ଜୟ ହିନ୍ଦ୍ କ୍ଲବ ପଡିଆରେ ୮ଦିନିଆ ତୃତୀୟ ଅର୍ଜ୍ଜୁନ କୁଜୁର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ଡି. ଅଭିନ୍ନ କୁମାର, ବି. ବରଦେଶ୍ୱର ରାଓ, ସନ୍ଧ୍ୟା ଲାକ୍ରା, ଲିଟୁ ପୋହାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଦକ୍ଷିଣପୂର୍ବ ରେଳବାଇ ମେନ୍ସ କଂଗ୍ରେସ ସଙ୍ଗଠନର କେନ୍ଦ୍ରୀୟ କୋଷାଧ୍ୟକ୍ଷ ରତନ ପଣ୍ଡା, ଡିସିଏସ୍ ରାଓ, ଦେବାଶିଷ ପତି, ଜିତେନ୍ଦ୍ର କୁମାର ସିଂ, ବରୁଣ ଜେନା, ବିକାଶ ଜେନା ଉପସ୍ଥିତ ଥିଲେ । ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆଜିର ପ୍ରଥମ ମ୍ୟାଚ୍ ଯୋଗା ୟୁନାଇଟେଡ ଭୁବନେଶ୍ୱର ଓ ଟିଚର୍ସ କ୍ଲବ ହମିରପୁର ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଟିଚର୍ସ କ୍ଲବ ଟାଇବ୍ରେକରରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଝାଡ଼ଖଣ୍ଡର ଜଗନ୍ନାଥପୁର ଓ ଜଲଦା ମଧ୍ୟରେ ଖେଳାଯାଇ ଟାଇବ୍ରେକରେ ଜଲଦା ଦଳ ଜିତିଥିଲା।


ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିବୃନ୍ଦ।

# ଖଣ୍ଡାଧାରରେ ପର୍ଯ୍ୟଟକଙ୍କ ଭିଡ଼

**ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ**

ଲହୁଣୀପଡ଼ା, ୩।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ତାଲବାହାଲି ପଞ୍ଚାୟତ ବୁଢାଭୂଇଁ ଗ୍ରାମସ୍ଥିତ ଖଣ୍ଡାଧାର ଜଳପ୍ରପାତଠାରେ ପର୍ଯ୍ୟଟକଙ୍କ ଗହଳି ଲାଗିରହୁଛି। ନବବର୍ଷକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିବା ପାଇଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ବହୁ ସଂଖ୍ୟାରେ ଆସିଥିଲେ। ନବବର୍ଷ ପରେ ମଧ୍ୟ ଏଠାରେ ଗହଳି ଲାଗି ରହୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସୁଉଚ୍ଚ ଖଣ୍ଡାଧାର ଜଳପ୍ରପାତର ଶୋଭା ଉପଭୋଗ କରିବା ପାଇଁ ରବିବାର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ଭିଡ଼ ହୋଇଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଖଣ୍ଡାଧାର ଜଳପ୍ରପାତକୁ ଅତି ଆକୃଷ୍ଟ କରିବା ପାଇଁ ବନବିଭାଗ ତଥା ଇକୋ ଟୁରିଜିମ ପକ୍ଷରୁ ଅନେକ ଆକର୍ଷଣୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଦୂରଦୂରାନ୍ତର ପର୍ଯ୍ୟଟକମାନେ ଖଣ୍ଡାଧାର ଜଳପ୍ରପାତ ପରିଦର୍ଶନ କରିବା ଏବଂ ରାତ୍ରି ଯାପନ କରିବା ପାଇଁ ଉନ୍ନତମାନର କଟେଜ ନିର୍ମାଣ କରାଯାଇଛି। ରାତ୍ରି ଭୋଜନ ପାଇଁ ବ୍ୟବସ୍ଥା ଓ ଭିନ୍ନଭିନ୍ନ ଧରଣର ବିଶ୍ରାମଗୃହ ନିର୍ମାଣ କରାଯାଇଛି। ଖଣ୍ଡାଧାର ଜଳପ୍ରପାତ ପର୍ଯ୍ୟନ୍ତ ପାହାଚ ଓ ପାନୀୟ ଜଳ, ଶୌଚାଳୟ, ଶିଶୁ ଉଦ୍ୟାନ କରାଯାଇଛି। ବଣଭୋଜି କରିବା ପାଇଁ ୫୦ଟି ପିଣ୍ଡି ନିର୍ମାଣ କରାଯାଇଛି। ଏଥିପାଇଁ ପିଣ୍ଡି ପ୍ରତି ୧୨୦ଟଙ୍କା ଦେବାକୁ ପଡିଥାଏ। ଗାଡି ପାର୍କିଂର ବ୍ୟବସ୍ଥା କରାଯାଇଥିବାବେଳେ ଭିନ୍ନଭିନ୍ନ ଗାଡିର ଭିନ୍ନ ଭିନ୍ନ ପାର୍କିଂ ଚାର୍ଜ ରହିଛି। ଆଞ୍ଚଳିକ ଏବଂ ବାହାର ଅଞ୍ଚଳର ଲୋକଙ୍କ ପାଇଁ ଭିନ୍ନ ପ୍ରବେଶ ଶୁଳ୍କ ଦେବା ପାଇଁ ପ୍ରଶାସନ ତରଫରୁ ଧାର୍ଯ୍ୟ କରାଯାଇଛି। ବଣଭୋଜି ଋତୁରେ ପ୍ରାୟ ୪୦ ଜଣ ସ୍ଥାନୀୟ ମହିଳା ପୁରୁଷ ରକ୍ଷଣାବେକ୍ଷଣ ପାଇଁ କାର୍ଯ୍ୟରତ ଥିବାବେଳେ ପୋଲିସ ଓ ବନବିଭାଗ କର୍ମଚାରୀ ତଦାରଖ ଦାୟିତ୍ୱ ତୁଲାଉଛନ୍ତି। ପର୍ଯ୍ୟଟନ ଋତୁରେ ଅନେକ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ପରିବାର ନେଇ ବଣଭୋଜି କରିବା ପାଇଁ ଆସୁଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ନବବର୍ଷ ରବିବାର ଦିନ ଯାନବାହନ ଓ ଆସିଥିବା ଲୋକଙ୍କଠାରୁ ପ୍ରାୟ ଏକ ଲକ୍ଷ ୮୬,୭୯୫ ଟଙ୍କା ଅସୁଲ ହୋଇଥିବା ଜଣାପଡିଛି।

# ଦେବଗଡ଼ ଜିଲାରେ ଏକାଦଶ କୃଷି ଗଣନା ସର୍ଭେ କାର୍ଯ୍ୟ

ଦେବଗଡ଼, ୩।୧(ଡି.ଏନ୍.ଏ.)

ଭାରତ ସରକାରଙ୍କର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ଏବଂ ଜିଲା ପ୍ରଶାସନ ତରଫରୁ ଏକାଦଶ କୃଷି ଗଣନା ପାଇଁ ଦେବଗଡ଼ ଜିଲାରେ ସମନ୍ୱୟ କମିଟି ବୈଠକ ଅତିରିକ୍ତ ଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପନିର୍ଦ୍ଦେଶକ ଯୋଜନା ଅଧିକାରୀ ରାମ ସେବକ ପ୍ରଧାନ ସର୍ବପ୍ରଥମେ ପ୍ରାରମ୍ଭିକ ସୂଚନା ଓ ଜିଲାରେ କୃଷି ଗଣନା ବିଷୟରେ ଆଲୋକପାତ କରିଥିଲେ। ଜିଲାରେ ଚଳିତ ଏକାଦଶ କୃଷି ଗଣନା ଆଭିମୁଖ୍ୟ ସହିତ ଏଥିରେ ସାମିଲ ହେବାକୁ ଥିବା ନୂତନ ନିୟମାବଳି ପାଳନ କରି ସର୍ଭେ କାର୍ଯ୍ୟ ସମାପ୍ତ କରିବାକୁ ପରାମର୍ଶ ଦେଇଥିଲେ। ଜାନୁଆରୀରୁ ଏହି ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ଏହି ଗଣନା କାର୍ଯ୍ୟରେ କୃଷି ବିଭାଗ, ଗ୍ରାମ କୃଷି କର୍ମଚାରୀ ଓ ରାଜସ୍ୱ ବିଭାଗର ଅମିନ ସାମିଲ ହେବେ। ଜିଲାରେ ୭୭୩ ଟି ରାଜସ୍ୱ ଗ୍ରାମ ଓ ସହରାଞ୍ଚଳ ସର୍ଭେ କାମ କରାଯିବ। ଏହି ଗଣନା କର୍ଯ୍ୟରେ ଜମିର ମାଲିକାନା ଓ ଜମିର ଆକାର ପ୍ରକାର ଓ କ୍ଷୁଦ୍ର ଚାଷୀ ଓ ବୃହତ୍ତ ଚାଷୀ, କୃଷି ଯନ୍ତ୍ରପାତି, ଜୈବିକ ଓ ରାସାୟନିକ ସାର, ଔଷଧ ଆଦିର ବ୍ୟବହାର ଫସଲ ପ୍ରଣାଳୀ ଆଦି ଉପରେ ସଂଗ୍ରହ କରାଯିବ। ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ କେ ରାମଶଙ୍କର ରାଓ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ଓ ଆର୍‌ସିଏସ ପି.ଏଲ ବେହେରା, ଓ ଜିଲା ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଉପସ୍ଥିତ ଥିଲେ।

# କୁତ୍ରା, ଲହୁଣୀପଡ଼ା ବ୍ଲକସ୍ତରୀୟ ହକି ପ୍ରତିଯୋଗିତା

## ଖଡକୁରବାହାଲ ହକି ଦଳ ୪-୨ ଗୋଲରେ ବିଜୟୀ


କୁତ୍ରା ବ୍ଲକସ୍ତରୀୟ ହକି ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

କୁତ୍ରା, ୩।୧(ଡି.ଏନ.ଏ.)

ଆସନ୍ତା ୧୩ ତାରିଖରୁ ରାଉରକେଲା ଠାରେ ପୁରୁଷ ହକି ବିଶ୍ୱକପ ଅନୁଷ୍ଠିତ ହେବ। ଏହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍କୁଲଠାରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ହେଉଛି। ମଙ୍ଗଳବାର କୁତ୍ରା ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଲିଟିବେଡା ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କ ତତ୍ତ୍ୱାବଧାନ ଓ ଅଧକ୍ଷତାରେ ଏହା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଖେଳାଳି ଲାଜରୁସ ବାର୍ଲା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଶାନ୍ତିଲତା ଲାକ୍ରା, ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା, 'କ' ଏବଂ 'ଖ' ଜୋନର ଜିଲା ପରିଷଦ ସଭ୍ୟ, ୧୬ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ୧୫ଟି ଦଳ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ଖଡକୁରବାହାଲ ଓ ନୂଆଗାଁ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡକୁରବାହାଲ ଟିମ୍ ପେନାଲଟି ସାହାଯ୍ୟରେ ୪–୨ ଗୋଲରେ ବିଜୟୀ ହୋଇଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସାଂସ୍କୃତିକଦଳ ନୃତ୍ୟ ପରିବେଷଣ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିପିଓ ନଗେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୁତୁଡା ହକି ଦଳ ୧ –୦ ଗୋଲରେ ବିଜୟୀ

ଲହୁଣୀପଡା,୩।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡ ପୁରୁଣାପାଣିସ୍ଥିତ ମିନି ଷ୍ଟାଡିୟମରେ ମଙ୍ଗଳବାର ଦୁଇ ଦିନିଆ ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର ଯୋଗଦେଇଥିଲେ। ଏବିଡ଼ିଓ ଚୁକା ଓରାମଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଡପୁରୁଣାପାଣି ସରପଞ୍ଚ ଚାଙ୍ଗ ଓରାମ ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ଅତିଥିମାନଙ୍କୁ ପାରମ୍ପାରିକ ବାଦ୍ୟ ନୃତ୍ୟର ତାଳେତାଳେ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ଏଥିରେ ୧୨ଟି ହକି ଦଳ ଅଂଶଗ୍ରହଣ କରିଥିବା ବେଳେ ଏହାର ଉଦ୍‌ଘାଟନୀ ଖେଳରେ ଭୁତୁଡା ହକି ଦଳ ୧ –୦ ଗୋଲରେ ହଳଦୀକୁଦର ଦଳକୁ ହରାଇ ଥିଲା। ରାଜକୁମାର ଗୋପ, ରାଜୀବ ଲାକ୍ରା, ଜର୍ଜ ଯାରା ଯୋଜ, ସାମସନ ବାଙ୍କିରା, ସିମୁନ ବାର୍ଲା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶେଷରେ ବଡ଼ ପୁରୁଣାପାଣି ସମିତି ସଭ୍ୟ ସୁଶାନ୍ତ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଲହୁଣୀପଡ଼ା ପଞ୍ଚାୟତ ସରପଞ୍ଚ ନେଲସନ ହେମ୍ରମ, ରାଜାମୁଣ୍ଡା ମାଳତୀ କିଷାନ, ଦର୍ଜ୍ଜିଂ ସରପଞ୍ଚ ସିଂ ରାୟ ମୁଣ୍ଡା, ଶଙ୍ଖପୋଷ ସରପଞ୍ଚ ପ୍ରେମ ନାଥ ମୁଣ୍ଡା, କଳେଇପୋଷ ସରପଞ୍ଚ ଶାନ୍ତି ଓରାମ, ଶସ୍ୟକଳା ସରପଞ୍ଚ ଏମଲେନ ଭୂୟାଁ, କୁର୍ତା ସରପଞ୍ଚ ସସ୍ମିତା କିଷାନ, ଫୁଲଝର ସରପଞ୍ଚ ରାଇବାରୀ ମୁଣ୍ଡା, ହଳଦୀକୁଦର ସରପଞ୍ଚ ଜୟ ସିଂ, ରାଜାମୁଣ୍ଡା ସମିତି ସଭ୍ୟ ଅଶୋକ ବେହେରା, ସନ୍ତୋଷୀନି ପାତ୍ର, କାର୍ଯ୍ୟନିର୍ବାହୀ ସମା କେର୍କେଟା, କିରଣମୟୀ ବେହେରା, ଧରିତ୍ରୀ ପ୍ରିୟା ଦାସ, ରୁବେନ ତିର୍କୀ, ଆବ୍ରାହମ ବାହାଲା ପ୍ରମୁଖଙ୍କ ସମେତ ବ୍ଲକକର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଲହୁଣୀପଡା ବ୍ଲକସ୍ତରୀୟ ହକି ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

## ସଂକ୍ଷେପରେ

### ସ୍ୱୟଂ ସହାୟକ ଗୋଷ୍ଠୀ ଜମା ଟଙ୍କା ଆତ୍ମସାତ ଅଭିଯୋଗ

**ଲୋଇସିଂହା,୩।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଖୁଣ୍ଟଲିମୁଣ୍ଡା ଗ୍ରାମର ମା' ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀର ୨ଲକ୍ଷ ଟଙ୍କା ଆତ୍ମସାତ ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ ପଟୁଆପାଲି ପଞ୍ଚାୟତ ଖୁଣ୍ଟଲିମୁଣ୍ଡା ଗ୍ରାମର ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ଆଗଲପୁର ଡୁଡୁକା ଏସବିଆଇ ଶାଖାରେ ଉକ୍ତ ସଂଘର ଏକ ଜମାଖାତା ରହିଛି। ରାଜ୍ୟ ସରକାରଙ୍କ ତରଫରୁ ଉକ୍ତ ସଂଘକୁ ୨ ଲକ୍ଷ ଟଙ୍କା ଋଣ ଆକାରରେ ମିଳିଥିଲା। ଋଣ ପରିଶୋଧ କରିବା ପାଇଁ ସଦସ୍ୟାମାନେ ପ୍ରତିମାସରେ ୫ଶହ ଟଙ୍କା ଲେଖାଏ ସଭାନେତ୍ରୀଙ୍କୁ ଜମା ଦେଇ ଆସୁଥିଲେ। ହେଲେ ସେମାନେ ଦେଉଥିବା ଟଙ୍କା ବ୍ୟାଙ୍କରେ ଜମା କରାଯାଉ ନ ଥିବା ପରେ ସଦସ୍ୟାମାନେ ଜାଣିବାକୁ ପାଇଥିଲେ। ଏହି ଟଙ୍କାକୁ କୌଶଳ କରି ଆତ୍ମସାତ କରୁଥିବା ସଦସ୍ୟମାନେ ଜାଣିବାକୁ ପାଇଥିଲେ। ଏନେଇ ସଭାନେତ୍ରୀଙ୍କ ଜଣାଇଲେ କୌଣସି ସନ୍ତୋଷଜନକ ଉତ୍ତର ନ ମଳି ନ ଥିଲା। ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିବା ସମ୍ପାଦିକା ଯାଜ୍ଞସିନୀ ହରପାଲ କହିଛନ୍ତି।

### ନୂଆଁପାଲି ଧନୁଯାତ୍ରା ଉଦ୍‌ଘାଟିତ

**ଦେଓଗାଁ,୩।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଗ୍ରାମରେ ଦଶମତମ ଧନୁଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। କମିଟି ସଭାପତି ଅଶୋକ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ନାଏକ, ଉପରଝର ପାକ୍ସ ସଭାପତି କପିଳେଶ୍ୱର ନାଏକ ପ୍ରମୁଖ ଯୋଗଦେଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ପ୍ରତିଦିନ ସଂଚାର, ପାରାୟଣ ସମେତ ମୀନାବଜାର ଓ ଅପେରା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଚଳିତବର୍ଷ କଂସ ଭୂମିକାରେ ସଞ୍ଜୀବ ପଧାନ ଓ ସାଥୀଙ୍କ ଦ୍ୱାରା କଂସ ଦରବାର ଅନୁଷ୍ଠିତ ହେଉଛି।

### ଖଡ଼ିଆଳ ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ

**ଖଡ଼ିଆଳ,୩।୧ (ଡି.ଏନ୍.ଏ.):** ନୂଆପଡ ଜିଲା ଖଡ଼ିଆଳ ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ସଂସ୍କୃତିକୁ ନେଇ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ମହୋତ୍ସବର ତୋରଣ ମଣ୍ଡପର ଆକୃତି ଚଉଷଠି ଯୋଗନି ମନ୍ଦିର ଆକୃତି, ଇନ୍ଦ୍ରଲାଠ ମନ୍ଦିର ରାଣୀପୁର ଝରିଏଲ, ଯୋଗୀ ମଠ ତୁକୁଲା, ବୁଦ୍ଧି କୋମନା ମନ୍ଦିରର ଆକୃତିରେ ମଣ୍ଡପ ନିର୍ମାଣ ଆରମ୍ଭ ସହ ସହରର ବିଭିନ୍ନ ରାସ୍ତାରେ ସ୍ୱାଗତ ଗେଟ ନିର୍ମାଣ ଆରମ୍ଭ ହୋଇଛି। ୨୦୨୩ ମସିହାରେ ମହୋତ୍ସବ ୧୮ ବର୍ଷରେ ପାଦ ଦେଇଛି। ଏହି ବର୍ଷ ଉତ୍ସବ ଜାନୁୟାରୀ ୧୫ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ପାଳନ ହେବ। ସ୍ଥାନୀୟ ସଂସ୍କୃତିକୁ ନେଇ ମହୋତ୍ସବ ମଣ୍ଡପ ନିର୍ମାଣ କରାଯାଉଛି ବୋଲି ମହୋତ୍ସବ କମିଟିର ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକ ପ୍ରକାଶ କରିଛନ୍ତି।

### କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**ଖପ୍ରାଖୋଲ,୩।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଖୋ ଖୋ ବାଳକ ବର୍ଗରେ ଭାନପୂର ପଞ୍ଚାୟତ, ବାଳିକା ବର୍ଗରେ ଲୁହାସିଂହା ପଞ୍ଚାୟତ ଚାମ୍ପିୟନ ହୋଇଛି। ସେହିପରି ଫୁଟବଲ ଖେଳ ବାଳକ ବର୍ଗରେ ଖପ୍ରାଖୋଲ ଓ ବାଳିକା ବର୍ଗରେ ତେଲେନପାଲି ପଞ୍ଚାୟତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଚାମ୍ପିୟନ ଦଳକୁ ଆଗାମୀ ବ୍ଲକସ୍ତରୀୟ ଲୋକଉତ୍ସବରେ ସମ୍ବର୍ଦ୍ଧିତ କରାଯିବ। ସେହିପରି ଚାମ୍ପିୟନ ଦଳ ଖେଳାଳି ସହ ଅନ୍ୟ ଭଲ ଖେଳାଳିଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତାରେ ଖପ୍ରାଖୋଲ ବ୍ଲକକୁ ପ୍ରତିନିଧିତ୍ୱ କରିବେ ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଉଦ୍‌ଯାପନୀ ଅବସରରେ ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ବ୍ଲକ ଯୋଗାଣ ନିରୀକ୍ଷକ ତଥା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିକାଶ ବାର୍ଲା, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ଖେଳ ଶିକ୍ଷକ ପବିତ୍ର ଦାସ, ରଜତ କୁମାର ଦାସ, ପ୍ରମୋଦ କୁମାର ବାଗ, ଡୋଲାମନି ପ୍ରଧାନ ଉପସ୍ଥିତ ଥିଲେ।

# ରାଜ୍ୟ ବାହାର ମିସ୍ତ୍ରିଙ୍କୁ ବିରୋଧ

**ବଲାଙ୍ଗୀର ଅଫିସ, ୩।୧**

ବଲାଙ୍ଗୀର ସହରରେ ରାଜ୍ୟ ବାହାରୁ ଆସି କାମ କରୁଥିବା ମିସ୍ତ୍ରିଙ୍କୁ ବିରୋଧ କରାଯାଇଛି। ବଲାଙ୍ଗୀର ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଏହି ବିରୋଧ ହୋଇଛି। ତେବେ ଜଣେ ମହିଳା ଏହାର ପ୍ରତିବାଦ କରି ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଟାଉନ୍ ଥାନାକୁ ଆସି ଘଟଣାର ପ୍ରତିବାଦ କରାଯାଇଛି। ମିଳିଥିବା ସୂଚନା ମୁତାବକ ସୋମବାର ସ୍ଥାନୀୟ କଲେଜ ଛକରେ ବଙ୍ଗାଳୀ ମିସ୍ତ୍ରିଙ୍କୁ ଜଣେ ମହିଳା କିଛି ନିର୍ମାଣ ଶ୍ରମିକ ଯୋଗାଇଥିଲେ। ଏହାକୁ ନିର୍ମାଣ ଶ୍ରମିକ ସଂଘର କେତେଜଣ ସଦସ୍ୟ ବିରୋଧ କରିଥିବା ରାଜୀବନଗରର ସୀତା ସାହୁ ନାମ୍ନୀ ଜଣେ ମହିଳା ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହିଳାଙ୍କ ଏଭଳି ଅଭିଯୋଗ ପ୍ରତିବାଦରେ ରାଜମିସ୍ତ୍ରି ନିର୍ମାଣ ଶ୍ରମିକ ସଂଘ ସନ୍ଧ୍ୟାରେ ଟାଉନ ଥାନାକୁ ଆସିଥିଲେ। ସଂଘ ସଭାପତି ଶମ୍ଭୁ ନାଗ କହିଛନ୍ତି ଯେ, ରାଜ୍ୟ ବାହାରୁ ବିଶେଷକରି ପଶ୍ଚିମବଙ୍ଗ ଏବଂ ବିହାର ରାଜ୍ୟରୁ ଯେଉଁ ମିସ୍ତ୍ରିମାନେ ବଲାଙ୍ଗୀର ଆସି କାମ କରୁଛନ୍ତି ସେମାନଙ୍କ ମଧ୍ୟରୁ



ବଲାଙ୍ଗୀର ଆଦର୍ଶ ଟାଉନ୍ ଥାନାରେ ରାଜମିସ୍ତ୍ରି ନିର୍ମାଣ ଶ୍ରମିକ ସଂଘ ସଦସ୍ୟ ଅଭିଯୋଗ କରିବାକୁ ଆସିଛନ୍ତି।

**ଥାନାରେ ଅଭିଯୋଗ, ପ୍ରତିବାଦ କଲା ମିସ୍ତ୍ରି ସଂଘ**

କେତେଜଣ ଏଠାରେ ଆପରାଧିକ ଏବଂ ନିଶା କାରବାରରେ ଲିପ୍ତ ଅଛନ୍ତି। ବେଆଇନ ଭାବେ ଅଳ୍ପ ବୟସ୍କ ପିଲାଙ୍କୁ କାମ କରାଉଛନ୍ତି। ଏହାକୁ ସଂଘ ବିରୋଧ କରୁଛି। ଏହାର ପ୍ରତିବାଦରେ ସଂଘ ପକ୍ଷରୁ ଏକ ବୈଠକ କରାଯାଇଥିଲା ଏବଂ ରାଜ୍ୟ ବାହାର ମିସ୍ତ୍ରିଙ୍କୁ ସ୍ଥାନୀୟ ନିର୍ମାଣ ଶ୍ରମିକ ନ ଯୋଗାଇବାକୁ ନିଷ୍ପତ୍ତି ହୋଇଥିଲା। ତେବେ ସୋମବାର ଜଣେ ମହିଳା ରାଜ୍ୟ ବାହାର ମିସ୍ତ୍ରୀଙ୍କୁ ସ୍ଥାନୀୟ ନିର୍ମାଣ ଶ୍ରମିକ ଯୋଗାଇଥିବା ଜଣାପଡିବା ପରେ ତାଙ୍କୁ ଏଭଳି ନ କରିବାକୁ ମନା କରାଯାଇଥିଲା। ଏହାକୁ ନେଇ ସାମାନ୍ୟ କଥା କଟାକଟି ହୋଇଥିଲା। ମାତ୍ର ଏତିକି କଥାକୁ ନେଇ ମହିଳା ଜଣକ ଟାଉନ୍ ଥାନାରେ ସଂଘର କେତେକ ସଦସ୍ୟଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାକୁ ସଂଘ ବିରୋଧ କରୁଛି ଏବଂ ଆଗକୁ ମଧ୍ୟ ବାହାର ରାଜ୍ୟ ମିସ୍ତ୍ରୀଙ୍କୁ ବିରୋଧ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ସୀତା ସାହୁ କହିଛନ୍ତି ଯେ, ସଂଘ ଯେଉଁ ନିଷ୍ପତ୍ତି ନେଇଥିଲା ତାହା ପାଳନ କରି ଆମେ ଏକ ମାସ କାଳ ବେକାର ହୋଇ ବସିରହିଛୁ। ସଂଘ ସ୍ଥାନୀୟ ମିସ୍ତ୍ରି ଯୋଗାଡ କରି କାମ ଦେବେ ବୋଲି କହିଥିଲେ। ମାତ୍ର ଏଦିଗରେ କୌଣସି ପଦକ୍ଷେପ ନ ନେବାରୁ ବାଧହୋଇ ରାଜ୍ୟ ବାହାର ମିସ୍ତ୍ରିଙ୍କ ସହ ଶ୍ରମିକମାନେ କାମ କରୁଥିବାବେଳେ କିଛି ଲୋକ ଯାଇ ଧମକ ଚମକ ଦେଇଛନ୍ତି। ଏହା ବିରୋଧରେ ଟାଉନ୍ ଥାନାର ଅଭିଯୋଗ କରିଛୁ ବୋଲି କହିଛନ୍ତି। ଏନେଇ ଟାଉନ୍ ଥାନାରେ ଦୁଇପକ୍ଷ ଉପସ୍ଥିତ ରହିଛନ୍ତି। ଏଦିଗରେ ଥାନା ପକ୍ଷରୁ କ'ଣ ପଦକ୍ଷେପ ନିଆଯିବ ସେନେଇ ଆଲୋଚନା ଚାଲିଛି।

# ବିକଶିତ ହେବ ଚାନ୍ଦିଲି ପାହାଡ଼

**ବଲାଙ୍ଗୀର ଅଫିସ, ୩।୧**

**ଚାନ୍ଦିଲି ପାହାଡ ମହୋତ୍ସବରେ ନରସିଂହଙ୍କ ପ୍ରତିଶ୍ରୁତି**
- ୭୨ ଏକର ପରିମିତ ଭୁଲିଆକଟାଁର ହେବ ବିକାଶ
- ପାହାଡ ରାସ୍ତା ପାଇଁ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଅନୁଦାନ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଟ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦଲି ପାହାଡକୁ ଭୀମଡୁଙ୍ଗୁରୀ ଭଳି ସୁନ୍ଦର ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ। ଚାନ୍ଦଲି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ମୁଖ୍ୟରାସ୍ତାରୁ ଚାନ୍ଦଲି ପାହାଡ ପର୍ଯ୍ୟନ୍ତ ସୁନ୍ଦର ରାସ୍ତା କରାଯିବ। ଜଙ୍ଗଲ ଯେପରି ସୁରକ୍ଷିତ ରହିବ ତାର ବ୍ୟବସ୍ଥା କରାଯିବ। ପର୍ଯ୍ୟଟକ ଆସି ଏଠାରେ ଯେପରି ପୂର୍ଣ୍ଣ ସୁରକ୍ଷାର ସହ ପରିବେଶର ମଜା ନେଇ ପାରିବେ ସେଥିପାଇଁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଆଗାମୀ ଦିନରେ ଏଠାରେ ଯାତ୍ରୀଙ୍କ ପାଇଁ ଶୌଚାଳୟ, ପାହାଡ ଉପରକୁ ସୁଦୃଶ ପାହାଚ, ବିଜୁଳି, ବସିବା ସ୍ଥାନ, ସୁନ୍ଦର ଆଲୋକୀକରଣ କରାଯିବ। ଏଥିସହ ୭୨ ଏକର ପରିମିତ ଭୁଲିଆକଟାର ଉନ୍ନତୀକରଣ କରାଯିବ ବୋଲି କହିଥିଲେ। ଉପସ୍ଥିତ ଆୟୋଜକ କମିଟି ଓ ଅଞ୍ଚଳବାସୀଙ୍କ ଦାବି ମୁତାବକ ପାହାଡ ଉପରକୁ ଏକ ସୁନ୍ଦର ବୁଲାଣିଆ ରାସ୍ତା ନିର୍ମାଣ ପାଇଁ ସେ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ରାଶି ଘୋଷଣା କରିଥିଲେ। ଉତ୍ସବ ଆୟୋଜନ କମିଟି ସଭାପତି ଦୀନବନ୍ଧୁ ମେହେର, ଉପସଭାପତି ରବିନ୍ଦ୍ର କୁମାର ସାଏ, ସମ୍ପାଦକ ଜୁଲୁ ଷଡଙ୍ଗୀ, କୋଷାଧକ୍ଷ ସ୍ୱୟମ୍ବର ମେହେର, ଦେଷଣ୍ଟ ସରପଞ୍ଚ ଯଶୋଦା ମେହେର, ସମିତି ରୁତିକା ଧରୁଆ, ସାରସମାଲ ସରପଞ୍ଚ ଗୋପାଳକୃଷ୍ଣ ବାଗ, ସିଂହାମୁଣ୍ଡା ସରପଞ୍ଚ ଜାହ୍ନବୀ ମହାରଣା, ରଘୁମଣି ରଣା, ଅସିତ ମିଶ୍ର, କୈଳାସ ମିଶ୍ର, କାନ୍ତେଶ୍ୱର ପ୍ରଧାନ, ରାମଜୀ ଚୌଧୁରୀ, ମୟ ପ୍ରଧାନୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ଯୁବାକେତେନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଉପରଝରରେ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଆଦିବାସୀଙ୍କ ଶୋଭାଯାତ୍ରା।

**ଦେଓଗାଁ,୩।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ମହାଦେବ ମନ୍ଦିର ପଛପଟେ ଯୁବାକେତେନ ଦେବୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ଆଦିବାସୀ ସମ୍ପ୍ରଦାୟର କର୍ମକର୍ତ୍ତାମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧାରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ନିକଟ ପୂଜାସ୍ଥଳରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ପ୍ରତିଷ୍ଠା ସମ୍ପନ୍ନ କରାଯାଇଥିଲା। ଉତ୍କଳ କନ୍ଧ ସମାଜର କେନ୍ଦ୍ରୀୟ ସଭାପତି ଚିନ୍ତାମଣି ଭୂଏ, ଜଲା ସଭାପତି ବିରଞ୍ଚି ଭୂଏ, ପଞ୍ଚାୟତ ସଭାପତି ତର୍କଚନ୍ଦ୍ର ଭୂଏ, ଗ୍ରାମ ସଭାପତି ଯୁବରାଜ ମାଝି, ଉଫରଝର ଗଉଁନ୍ତିଆ ବିଜୟ ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ବ୍ୟାଡ୍‌ମିଣ୍ଟନ, ବାସ୍କେଟ୍‌ବଲ କୋର୍ଟ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୩।୧**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ପରିସରରେ ଏକ ବାସ୍କେଟ ବଲ ଏବଂ ବ୍ୟାଡମିଣ୍ଟନ କୋର୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ବିଧାୟକ ନରସିଂହ ମିଶ୍ର ଏହି କୋର୍ଟକୁ ଉଦ୍‌ଘାଟନ କରିଥିଲେ। ଏଠାରେ ଏକ ବ୍ୟାଡମିଣ୍ଟନ କୋର୍ଟ ଏବଂ ବାସ୍କେଟ ବଲ କୋର୍ଟ ନିର୍ମାଣ ପାଇଁ ମେଡିକାଲ ଛାତ୍ରୀଛାତ୍ର ଓ କଲେଜ କର୍ତ୍ତୃପକ୍ଷ ଅନୁରୋଧ କରିଥିଲେ। ଗତବର୍ଷ ବିଧାୟକ ମିଶ୍ର ବିଧାୟକ ପାଣ୍ଠିରୁ ଆବଶ୍ୟକ ଅନୁଦାନ ରାଶି ପ୍ରଦାନ କରିଥିଲେ। ଛାତ୍ରୀ ନିବାସରେ ଦୁଇଟି ବ୍ୟାଡମିଣ୍ଟନ କୋର୍ଟ ଏବଂ ଛାତ୍ରଙ୍କ ପାଇଁ ଦୁଇଟି ଅଲଗା ବ୍ୟାଡମିଣ୍ଟନ କୋର୍ଟ ସହ ଉଭୟ ଛାତ୍ରୀଛାତ୍ରୀଙ୍କ ପାଇଁ ଏକ ଉନ୍ନତ ମାନର ବାସ୍କେଟ ବଲ କୋର୍ଟ ନିର୍ମାଣ ପାଇଁ ଅନୁଦାନ ଦେଇଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କୋର୍ଟ ନିର୍ମାଣ କରାଯାଇଛି। ଜିଲାପାଳ ରାଣା ମେଡିକାଲ କଲେଜ ପରିସରରେ କ୍ରୀଡା ଭିତ୍ତିଭୂମି ପାଇଁ ବିଧାୟକ ମିଶ୍ର ବିଧାୟକ ପାଣ୍ଠି ପ୍ରଦାନ କରିଥିବାରୁ ଧନ୍ୟବାଦ ଜଣାଇଥିଲେ।




ଜିଲାପାଳ ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ବିଧାୟକ ନରସିଂହ ମିଶ୍ର ଭୀମ ଭୋଇ ମେଡିକାଲ କଲେଜରେ ବାସ୍କେଟବଲ କୋର୍ଟ ଉଦ୍‌ଘାଟନ କରୁଛନ୍ତି।

ଉଦ୍‌ଘାଟନୀ ଅବସରରେ ବିଧାୟକ ମିଶ୍ର କହିଥିଲେ ଯେ, ମେଡିକାଲ କଲେଜ ସହ ତାଙ୍କର ଭାବଗତ ସମ୍ପର୍କ ରହିଛି। ତେଣୁ ଏଠାରେ କେବଳ କ୍ରୀଡା ନୁହେଁ ଚିକିତ୍ସା ଓ ପାଠପଢାରେ ମଧ୍ୟ ଆବଶ୍ୟକ ହେଉଥିବା ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ଆଲୋଚନା ସମୟରେ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ନିର୍ମାଣ କାମ ଯେମିତି ନିର୍ଦ୍ଧାରିତ ସମୟ ମଧ୍ୟରେ ସରିବ ସେ ଉପରେ ଜିଲାପାଳ ଧ୍ୟାନ ଦିଅନ୍ତୁ ବୋଲି ସେ ଅନୁରୋଧ କରିଥିଲେ। କଲେଜ ପାଠପଢା ତଥା ଅନ୍ୟ କର୍ମଚାରୀ ସମସ୍ୟାକୁ ନେଇ ଡିନ୍ ସବିତା ମହାପାତ୍ର ଏବଂ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଇସ ପ୍ରିନ୍ସିପାଲ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ, ୟୁନିୟନ ଆଡଭାଇଜର ଡା. ଶ୍ରୀକାନ୍ତ ପଣ୍ଡା, ଛାତ୍ର ସଭାପତି ବିଶାଳ କୁମାର ପଣ୍ଡା, ସମ୍ପାଦକ ଅଭିଷେକ ପାଣି, ଉପସଭାପତି ସ୍ୱାଗତ ରଞ୍ଜନ ପୁରୋହିତ, ସହସମ୍ପାଦକ ଶିବମ ଅଗ୍ରୱାଲ, ଖେଳ ସମ୍ପାଦକ କେଦାର ନାଏକ, ସହସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମରାଣ୍ଡି ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବୋଡେନ,୩।୧ (ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ହାଇସ୍କୁଲ ଖେଳପଡିଆଠାରେ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ବିଶ୍ୱ କପ ହକି ଖେଳ ଉପଲକ୍ଷେ ବୋଡେନ ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବୋଡେନ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଉକ୍ତ ଟୁର୍ନାମେଣ୍ଟକୁ ବୋଡେନ ତହସିଲଦାର ରାଜେଶ କୁମାର ମେହେର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଖଡିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ଯୋଗଦାନ କରିଥିଲେ। ସେହିପରି ବିଶିଷ୍ଟ ଅତିଥି ଭାବେ ଅଧ୍ୟାପକ ରବିରଞ୍ଜନ ପ୍ରଧାନ, ସମାଜସେବୀ ଫାରୁକ ମହମ୍ମଦ, ପର୍ଶୁରାମ ସେଠି, ଝାଙ୍କର ମୋହନ ମାଝି, ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ମ୍ୟାଚ ରୋକାଲ ଓ ଖଇରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରୋକାଲ ଦଳ ବିଜୟୀ ହୋଇଥିଲା। ତା'ପରେ ଫରସରା ଓ କରଙ୍ଗାମାଲ, ବୋଡେନ ଓ ବାବେବିର, ଲର୍କା ଓ ଭଇଁସାଦାନି ଲିଟିସର୍ଗି ଓ ନାଗପଡା, ସୁନାପୁର ଓ ପଲସଦା, ବୋଇରଗାଁ ଓ କର୍ଲାକୋଟ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ କରଙ୍ଗାମାଲ, ବୋଡେନ, ଲର୍କା, ଲିଟିସର୍ଗି, ସୁନାପୁର , କର୍ଲାକୋଟ ଦଳଗୁଡିକ ଲିଗ ପର୍ଯ୍ୟାୟରେ ବିଜୟୀ ହୋଇଛନ୍ତି। ବୁଧବାର ସେମିଫାଇନାଲ, ଫାଇନାଲ ଖେଳ ଖେଳାଯିବାର ସୂଚନା ମିଳିଛି। ଏହି ଟୁର୍ନାମେଣ୍ଟରେ ମୋଟ ୧୫ଟି ପଞ୍ଚାୟତର ଦଳଗୁଡିକ ଅଂଶଗ୍ରହଣ କରିଥିଲେ। ଏଥିରେ ଜିପିଇଓ ଘନଶ୍ୟାମ ବାଗ, ସିପି ସରୋଜ ପ୍ରଧାନ,ଏଇ ସନ୍ତୋଷ ପାତ୍ର, ଗଣେଶ ଦଣ୍ଡସେନା, ଶିକ୍ଷକ ସଂଘର ସଭାପତି ବୈଷ୍ଣବ ଦୁରିଆ ମଞ୍ଚ ପରିଚାଳନା କରିଥିଲେ।

# ଧର୍ମେଶ ଡ୍ୟାନ୍ସ ଏକାଡେମୀ ଜାତୀୟସ୍ତରରେ ପ୍ରଥମ

**ଖଡ଼ିଆଳ, ୩।୧(ଡି.ଏନ୍.ଏ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଧର୍ମେଶ ଡ୍ୟାନ୍ସ ଏକାଡେମୀର ଡାରେକ୍ଟର ଧର୍ମେଶ ମେହେର ଆଉ ଗୋଟିଏ ବଡ଼ ସଫଳତା ହାସଲ କରିଛନ୍ତି। ଏକାଡେମୀର ପ୍ରତିଯୋଗୀ ଜାତୀୟ ସ୍ତରରେ କମାଲ ଦେଖାଇଛନ୍ତି। ଧର୍ମେଶ ଡ୍ୟାନ୍ସ ଏକାଡେମୀର ଛାତ୍ରମାନେ ପ୍ରଥମ ହୋଇଛନ୍ତି। ଏହି ପ୍ରୋଗ୍ରାମ ଛତିଶଗଡ଼ର ଦୁର୍ଗ ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜାତୀୟସ୍ତରର ଡ୍ୟାନ୍ସ, ଡ୍ରାମା, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୮ଟି ରାଜ୍ୟରୁ ପ୍ରତିଯୋଗୀ ଭାଗ ନେଇଥିଲେ।



ଧର୍ମେଶ ଡ୍ୟାନ୍ସ ଏକାଡେମୀର କଳାକାର।

ସେଥିମଧ୍ୟରୁ ଖଡ଼ିଆଳର ଧର୍ମେଶ ଡ୍ୟାନ୍ସ ଏକାଡେମୀର ଛାତ୍ରମାନେ ଗ୍ରୁପ ଫୋକ ଡ୍ୟାନ୍ସରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ଖଡ଼ିଆଳ ଅଞ୍ଚଳ ପାଇଁ ଗର୍ବ ଏବଂ ଗୌରବର କଥା। ଧର୍ମେଶଙ୍କ ସଫଳତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ନାଗବାଚା ଯାତ୍ରା, ଖୁଣ୍ଟ ପ୍ରତିଷ୍ଠା ସମାରୋହ ସମ୍ପନ୍ନ

**ଲୋଇସିଂହା,୩।୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅନ୍ତର୍ଗତ କୁମୁଣ୍ଡେ ଗ୍ରାମରେ ଦୀର୍ଘ ୨୯ ବର୍ଷ ପରେ ନାଗବାଚା ଯାତ୍ରା ଓ ନବନିର୍ମିତ ନାଗବାଚା ମନ୍ଦିରରେ ଖୁଣ୍ଟ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଶେଷ ହୋଇଛି । ନାଗବାଚା ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଯାତ୍ରାର ସୋମବାର ଅଧିବାସ ଥିଲା। ଏହି ଦିନ ମନ୍ଦିର ମୁଖ୍ୟ ପୂଜକ ଓ ବରୁଆମାନେ ବରପ୍ରାପ୍ତି ପାଇଁ ରାଣୀସର୍ଡା ଦେବାଳୟକୁ ଯାଇଥିଲେ । ଏହାପରେ ଗ୍ରାମର ରାମଜୀ କ୍ଲବ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଇଥିଲା। ଏଠାରେ ୮ଜଣ ବରୁଆଙ୍କ ଦେହରେ କାଳିସୀ ସବାର ହୋଇଥିଲା। ଗ୍ରାମବାସୀ ଏବଂ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁ ଓ ମାନସିକଧାରୀ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ଗ୍ରାମର ଚାରିଛକରେ ନବ ନିର୍ମିତ ନାଗବାଚା ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ସତ୍ୟପ୍ରକାଶ ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସୂଚନାଯୋଗ୍ୟ ଯେ, ଗ୍ରାମର ଏକ ମାଟି ଘରେ ନାଗବାଚ ପୂଜା ପାଉଥିଲେ। କାଳକ୍ରମେ ସେହି ସ୍ଥଳ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯାଇଥିଲା। ଫଳରେ ଗତ ୨୯ ବର୍ଷ ଧରି ସେଠାରେ କୌଣସି କାର୍ଯ୍ୟକ୍ରମ ଆୟୋଜିତ ହୋଇପାରୁ ନ ଥିଲା। ମନ୍ଦିରେ ପୂଜା ପାଉଥିବା ନାଗବାଚା ବାବାଙ୍କୁ ରାମଜୀ ମନ୍ଦିରକୁ ନେଇ ସେଠାରେ ପୂଜା କରାଯାଉଥିଲା। ନିକଟରେ ଜିଲା ପରିଷଦ ପାଣ୍ଠିରୁ ନାଗବାଚ ମନ୍ଦିର ପୁନରୁଦ୍ଧାର କରାଯାଇଛି।

# ବୁଢାଦେଓ ମହୋତ୍ସବ ଉଦ୍‌ଯାପିତ



କଳାକାରଙ୍କ ସହ ଅତିଥିମାନେ।

**ଲୋଇସିଂହା,୩।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମରେ ବୁଢାଦେଓ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀ ଆଲୋକ ପାଠାଗାର ତରଫରୁ ବୁଢାଦେଓ ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ, ସରପଞ୍ଚ ବୃନ୍ଦାବନ ସେଠ, ଦେବଦତ୍ତ ଦଣ୍ଡସେନା, ଶିକ୍ଷାବିତ୍ ଲଳିତ ମୋହନ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା। ପରେ ବଜରଙ୍ଗବଲି କଳାପରିଷଦ ଓ ଲୋଇସିଂହା ଶଙ୍କର ବେହେରାଙ୍କ ଲୋକନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ରଞ୍ଜନ ମହାଲିଙ୍ଗ, ଗୋବିନ୍ଦ ବିଶି ଓ ପ୍ରହ୍ଲାଦ ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ

**ନୂଆପଡ଼ା ଅଫିସ, ୩।୧**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଦାବିନେଇ ବିକ୍ଷୋଭ କରାଯାଇଛି। ସଂଘର ଖଡ଼ିଆଳ ଡିଭିଜନ ଶାଖା ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ କେନ୍ଦୁପତ୍ର ତୋଳାଳି, ବନ୍ଧାଳି, ଗୋଛାକଟାଳି ଓ ସିଜିନାଲ ଷ୍ଟାଫ ନୂଆପଡ଼ା କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ହାତରେ ପ୍ଲା କାର୍ଡ ଧରି ସରକାର ବିରୋଧି ବିଭିନ୍ନ ନାରା ଦେଇ ସହର ପରିକ୍ରମା କରି ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ମୁଖ୍ୟ ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୧୨ ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ପଦ୍ମପୁର ଉପ ନିର୍ବାଚନ ଜିତିବା ପାଇଁ ତୋଳାଳି ଓ ସିଜିନାଲ




କେନ୍ଦୁପତ୍ର କର୍ମଚାରୀ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ଷ୍ଟାଫଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ତୋଳାଳିଙ୍କୁ ହଜାରେ ଓ ସିଜିନାଲ ଷ୍ଟାଫ୍‌ଙ୍କୁ ପନ୍ଦର ଶହ ଟଙ୍କା ପ୍ରଦାନ କରି ଏକ ପେକେଜ ଘୋଷଣା କରିବା ସେମାନଙ୍କ ପାଇଁ ଧୋକା,ପ୍ରତାରଣା ଓ ଏକ ପ୍ରକାର ଲଲିପପ ଧରେଇ ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଦୀର୍ଘ ଦିନରୁ ଦାବି କରିଆସୁଥିବା ଦାବି,ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ପେକେଜରେ ନାହିଁ। ଏକ ସରକାରୀ ସଂସ୍ଥାରେ ଶ୍ରମିକଙ୍କ ପ୍ରତି ଅବିଚାର, ଅଣଦେଖା, ଅବହେଳା, ଶୋଷଣ କରୁଛନ୍ତି ବୋଲି ସମ୍ପାଦକ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଛନ୍ତି। ତୋଳାଳିମାନଙ୍କୁ ଶହେ ପ୍ରତିଶତ ବୋନସ, ସିଜିନାଲ ଷ୍ଟାଫଙ୍କ ଚାକିରୀ ସର୍ତ୍ତାବଳୀ,ବନ୍ଧାଳି ଓ ସିଜିନାଲ ଷ୍ଟାଫଙ୍କୁ ୩୦ ପ୍ରତିଶତ ଇନସେଣ୍ଟିଭ ପ୍ରଦାନ, ତୋଳାଳି ଓ ସିଜିନାଲ ଷ୍ଟାଫ୍‌ଙ୍କୁ ହଜାରେ ଓ ପନ୍ଦର ଶହ ବଦଳରେ ୫ ହଜାର ଓ ସାଢେ ସାତ ହଜାର ଟଙ୍କା ପ୍ରଦାନ, କେନ୍ଦୁପତ୍ର ଦରବୃଦ୍ଧି, ସିଜିନାଲ ଷ୍ଟାଫ୍‌ଙ୍କ ଦରମା ବୃଦ୍ଧି, ୱାଚରମାନଙ୍କୁ ସ୍ଥାୟୀ ନିଯୁକ୍ତି, ବନ୍ଧେଇ ଓ ମେଟମାନଙ୍କ ମଜୁରି ବୃଦ୍ଧି, ଖଡିଆଳ ଡିଭିଜନକୁ ସମ୍ପୂର୍ଣ୍ଣ ପ୍ରୋସେସ ଡିଭିଜନ ପାଇଁ ପଦକ୍ଷେପ ଗ୍ରହଣ, ମୁନସି ଚପରାସିମାନଙ୍କ କାର୍ଯ୍ୟକାଳ ବୃଦ୍ଧି, ହେଡ ଚେକରଙ୍କୁ ସ୍ଥାୟୀ ନିଯୁକ୍ତି ତଥା ଘରୋଇ କମ୍ପାନୀ ପ୍ରୀତିରେ ପଞ୍ଚାୟତକୁ ହସ୍ତାନ୍ତର ନାମରେ ଘରୋଇକରଣକୁ ସରକାର ତୁରନ୍ତ ବନ୍ଦ କରିବା ଇତ୍ୟାଦି ଦାବିଗୁଡିକ ଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ଶ୍ରମିକ ନେତା ଶିକ୍ଷାମ୍ବର ନିଆଲ, ସୁଖଦେବ ସାହୁ, ଜ୍ଞାନରଞ୍ଜନ ସାହୁ, ବାବୁଲାଲ ମାଝି, ଅନିରୁଧ ନାଗ, ଜ୍ଞାନେଶ୍ୱର ବାଗ, ଭକ୍ତବନ୍ଧୁ ଧରୁଆ, ଦେବ ଚରଣ ପାଣ୍ଡେ, ଗୋଭାସିଂ ମାଝି, ଅବଦୁଲ ରସିଦ, ମଙ୍ଗଲ ସାଏ ବର୍ଗତି,ରୁଦ୍ର ନାଗ, ସୁରେଶ ବେହେରା, ଈଶ୍ୱର ଶବର, ବାବୁଲାଲ ପଟେଲ,ଗୌତମ ବରିହା, ରାମଜୀ ବେମାଲ, ନରୋତ୍ତମ ଦଣ୍ଡସେନା ପ୍ରମୁଖ ବିକ୍ଷୋଭରେ ଚେତାବନୀ ଦେଇଛନ୍ତି।

# ଉତ୍ସବ ସଂସ୍କୃତି, ସମାଜ ସୁଧାରର ବାର୍ତ୍ତା ଦିଏ


ହରିୟାଣାର କଳାକାରମାନେ ଘୁମର ନୃତ୍ୟ ପରିବେଷଣ କରୁଛନ୍ତି।


ମଞ୍ଜୁଶ୍ରୀ ପଣ୍ଡାଙ୍କୁ ପଏଁରୀ ନୃତ୍ୟ ସମ୍ମାନରେ ସମ୍ମାନିତ କରାଯାଉଛି।

**ସୋନପୁର,୩।୧(ନି.ପ୍ର.)**

ଉତ୍ସବ ସଂସ୍କୃତି ଓ ସମାଜ ସୁଧାରର ବାର୍ତ୍ତା ଦେଇଥାଏ ବୋଲି ମଙ୍ଗଳବାର ପଏଁରୀ ତିହାରର ଉଦ୍‌ଯାପନୀ ଦିବସରେ ଅତିଥି ବୃନ୍ଦ ମତବ୍ୟକ୍ତ କରିଛନ୍ତି। ଭରପୁର ଜନଗହଳି ମଧ୍ୟରେ ସାନ୍ଧ୍ୟ ଉତ୍ସବରେ କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁବର୍ଣ୍ଣପୁର ଜିଲାର ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏଭଳି ଉତ୍ସବ ଆୟୋଜନର ଆବଶ୍ୟକତା ଉପରେ ରଣା ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁବର୍ଣ୍ଣପୁର ଜିଲା ପରିଷଦ ନିହାର ରଞ୍ଜନ କହଁର, ସଂସ୍କାର ଭାରତୀ କଲିକତାର ନୀଳକଣ୍ଠ ରାୟ, ବୌଦ୍ଧ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅରୁଣ ପଧାନ, ପଏଁରୀର ଉପଦେଷ୍ଟା ଅଭିମନ୍ୟୁ କୁଶଳ, ଶ୍ରୀବସ୍ତ ମଲ୍ଲିକ ଓ ଗଦାଧର ବାରିକ ପ୍ରମୁଖ ଯୋଗଦାନ କରି ପଶ୍ଚିମ ଓଡ଼ିଶା ବିଶେଷ କରି ସୁବର୍ଣ୍ଣପୁରର ଲୋକକଳା, ସଂସ୍କୃତି ଓ ଲୋକବାଦ୍ୟ ମହାନ ବୋଲି କହିଥିଲେ। ଲୁପ୍ତ ପାଇବାକୁ ବସିଥିବା

## ପଏଁରୀ ତିହାର ଉଦ୍‌ଯାପିତ

ଲୋକକଳାକୁ ବଞ୍ଚାଇ ରଖିବା ସକାଶେ ପଏଁରୀର ପ୍ରୟାସକୁ ଅତିଥି ମାନେ ପ୍ରଶଂସା କରିଥିଲେ। ସାଂସ୍କୃତିକ ସଭାରେ ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଚୌଧୁରୀ ବିଭାର ସଭା ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଢୋଲ, ନିଶାନ ଓ ବଂଶୀ ସ୍ୱରର ତାଳରେ ମଞ୍ଚ ଦୁଲୁକି ଉଠିଥିଲା। ହରିୟାଣାର କଳାକାରଙ୍କ ଘୁମର ନୃତ୍ୟ, ପଞ୍ଜାବ କଳାକାରଙ୍କ ଲୋକନୃତ୍ୟ, ପଶ୍ଚିମବଙ୍ଗ ପୁରୁଲିଆର କଳାକାରଙ୍କ ମହିଷାସୁର ବଧ ଛଉନୃତ୍ୟ, ସମ୍ବଲପୁର ପଡିଆବାହାଲ ସ୍ଥିତ ସ୍ୱୟମ ଏକାଡେମୀର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ଓ ଢେଙ୍କାନାଳ ଶ୍ରୀ ସିଦ୍ଧେଶ୍ୱରୀ ପାଇକ ଆଖଡା କଳାକାରଙ୍କ ଲୋକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏହା ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏହି ଅବସରରେ ଗୁରୁ ଡ. ମଞ୍ଜୁଶ୍ରୀ ପଣ୍ଡାଙ୍କୁ ପଏଁରୀ ନୃତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ ମୁସ୍କାନ ମଲ୍ଲିକ, ପଦ୍ମଲୋଚନ ସାହୁ, ମନ୍ତ୍ରରାମ ସୁନା, ହରି ଓଁ କୁଶଳ ଓ ସୁପ୍ରିୟା ନନ୍ଦ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ତିନିଦିନ ଧରି ରାଜ୍ୟ ଓ ରାଜ୍ୟ ବାହାରର ଶତାଧିକ କଳାକାର ଉତ୍ସବରେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ସହାୟତାରେ ଏହି ଉତ୍ସବ ଆୟୋଜନ ହେଉଛି । ଗୌରବମୟ ଲୋକକଳାର ସୁରକ୍ଷା, ପୁନରୁଦ୍ଧାର ଓ ପ୍ରସାର ଏହି ତିହାରର ଲକ୍ଷ୍ୟ । ପଏଁରୀ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ତିହାର ଆୟୋଜନରେ ସହଯୋଗ କରିଥିଲେ ।

# ଲୁତୁରପଙ୍କକୁ ହରାଇ ସେମିରେ ଚମ୍ପାମାଳ

**ଅମରପାଲି,୩।୧(ଡି.ଏନ.ଏ.)**

## ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ବିଶାଳପାଲି, ପାତରପାଲି ଓ ଚିଙ୍ଗିରାନାଲିର ମିଳିତ ଆନୁକୂଲ୍ୟରେ ବିଶାଳପାଲି ଖେଳ ପଡିଆରେ ମଙ୍ଗଳବାର ନବମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା ମୁଖ୍ୟ ଅତିଥି ଏବଂ ସ୍ଥାନୀୟ ସ୍କୁଲ ଶିକ୍ଷକ ରାଧାକାନ୍ତ ସେଠ, ରମେଶ ପଧାନ ଓ ନାରାୟଣ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ବିଶାଳପାଲି ଓ ଲୁତୁରପଙ୍କ ମଧ୍ୟରେ ହୋଇଥିଲା। ଲୁତୁରପଙ୍କ ଟସ୍ ଜିଣି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୬ ଉଇକେଟ ହରାଇ ୧୩୭ରନ କରିଥିଲା। ଦଳର ବନମାଳି ୩୬ବଲରୁ ୧୦୧ରନ କରିଥିଲେ। ଜବାବରେ ବିଶାଳପାଲି ଦଳ ସମସ୍ତ ଉଇକେଟ ହରାଇ ୯୦ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଚମ୍ପାମାଳ ଓ କେନ୍ଦୁପାଲି ମଧ୍ୟରେ ହୋଇଥିଲା। ଚମ୍ପାମାଳ ନିର୍ଦ୍ଧାରିତ ଓଭରରେ ୧୦୭ରନ କରିଥିବା ବେଳେ କେନ୍ଦୁପାଲି ଦଳ ୪୪ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ଲୁତୁରପଙ୍କ ଓ ଦ୍ୱିତୀୟ ମ୍ୟାଚର ବିଜେତା ଚମ୍ପାମାଳ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଲୁତୁରପଙ୍କ ୪୩ରନ କରିଥିବା ବେଳେ ଚମ୍ପାମାଳ ୪୪ରନ କରି ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଲୁତୁରପଙ୍କ କ୍ଲଷ୍ଟର ସିଆରସିସି ବାଙ୍କା ବିହାରୀ ମହାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଚମ୍ପାମାଳର ଗୋପିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରିଥିଲେ। ମ୍ୟାଚକୁ ଚନ୍ଦନ ପ୍ରଧାନ ଓ ସୁବ୍ରତ ଧଳ ପରିଚାଳନା କରିଥିଲେ।



ଉଦଘାଟନୀ ଉତ୍ସବରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

## ସଂକ୍ଷେପରେ

### ମିନିଟ୍ରକ୍-କାର୍ ମୁହାଁମୁହିଁ ଧକ୍କା

**ପାଇକମାଳ, ୩।୧(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ବସ୍‌ଷ୍ଟାଣ୍ଡ ନିକଟ ବିଜୁ ଏକ୍ସପ୍ରେସ ୱେରେ ମଙ୍ଗଳବାର ସକାଳେ ଏକ ସଡ଼କ ଦୁର୍ଘଟଣା ହୋଇଥିଲା। ପାଇକମାଳ ପଟରୁ ଆସୁଥିବା ଏକ କାର୍ (ନଂ.ଓଡି୦୩ଜେ/୧୩୧୩) ଓ ନୂଆପଡା ପଟରୁ ଆସୁଥିବା ପରିବା ବୋଝେଇ ମିନି ଟ୍ରକ୍ (ଏମ୍‌ପି୨୦ଜିବି/୫୨୮୦) ମାଣ୍ଡୋସିଲ ବସ୍‌ଷ୍ଟାଣ୍ଡ ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରକ୍‌ଟି ଓଲଟି ପଡିଥିଲା ଏବଂ କାର୍ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଟ୍ରକ୍ ଓ କାର୍‌ରେ ବସିଥିବା ଲୋକେ ବିଶେଷ କ୍ଷତିଗ୍ରସ୍ତ ହୋଇନାହାନ୍ତି। ପାଇକମାଳ ଥାନାଧିକାରୀ ସୁଶାନ୍ତ କୁମାର ବଡେଇ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ତାଙ୍କୁ ପଚାରିବାରୁ ଏକ ମାମଲା ରୁଜୁ କରି ଅନୁସନ୍ଧାନ କରାଯାଉଛି ବୋଲି ଆଇଆଇସି ବଡେଇ କହିଥିଲେ।

### ବଡ଼ଯୋର ସରକାରୀ ଉଚ୍ଚ ବିଦ୍ୟାଳୟରେ ତାଲା

**ତରଭା, ୩।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସରା ପଞ୍ଚାୟତ ଅନ୍ତର୍ଗତ ବଡ଼ଯୋର ଗ୍ରାମର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଦ୍ୟାଳୟ କମିଟି ଓ ଅଭିଭାବକ ମହଲରୁ ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ମଧ କୌଣସି ସୁଫଳ ମିଳୁନାହିଁ। ସେଥିପାଇ ମଙ୍ଗଳବାର ଅଭିଭାବକ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ମୁକେଶ କୁମାର ଗୁରୁ କହିଛନ୍ତି, ଶିକ୍ଷକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ବିଦ୍ୟାଳୟ ଫାଟକ ଖୋଲିବ ନାହିଁ। ପ୍ରକାଶଥାଉକି ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ଯାଏ ଥିବାବେଳେ ୨ଜଣ ଶିକ୍ଷକ ରହିଛନ୍ତି।

# ହକି ବିଶ୍ୱକପ୍ ଟ୍ରଫିଙ୍କୁ ଉଚ୍ଛ୍ୱସିତ ସ୍ୱାଗତ

**ସୋନପୁର,୩।୧(ନି.ପ୍ର.)**

ଆସନ୍ତା ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷିରେ ଓଡିଶାରେ ଜାତୀୟ ଖେଳ ହକିର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଉଦ୍ୟମ ହୋଇଛି। ବିଭିନ୍ନ ଜିଲା ପରିକ୍ରମା କରୁଥିବା ହକି ବିଶ୍ୱକପ୍ ଟ୍ରଫି ରଥ ମଙ୍ଗଳବାର ସୁବର୍ଣ୍ଣପୁରରେ ପହଞ୍ଚିଥିଲା। ଏହି ରଥକୁ ଲୋକ ପ୍ରତିନିଧି, ଜିଲା ପ୍ରଶାସନ, କ୍ରୀଡା ସଂଗଠକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ଜିଲାର ପ୍ରବେଶ ପଥ ତେଲ ନଦୀ ବ୍ରିଜ୍‌ଠାରୁ ହିକୁଡି ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଜନସାଧାରଣ, ସରକାରୀ କର୍ମଚାରୀ, ମହିଳା ଓ ଛାତ୍ରୀଛାତ୍ର ଧାଡି ହୋଇ ଛିଡା ହୋଇଥିଲେ। ବୌଦ୍ଧ ଜିଲାରୁ ରଥ ଆସିବା ପରେ ତେଲନଦୀ ବ୍ରିଜ୍ ନିକଟରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ନିଶି ପୁନମ ମିଞ୍ଜ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଜିଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କର୍ଣ୍ଣ ଓ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ପ୍ରମୁଖଙ୍କ ସମେତ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ସ୍ୱାଗତ କରିଥିଲେ।

ହକି ବିଶ୍ୱକପ୍ ଟ୍ରଫିଙ୍କୁ ଉଚ୍ଛସିତ ସ୍ୱାଗତ କରିବା ପାଇଁ ସୁବର୍ଣ୍ଣପୁର ଜିଲା



ହକି ବିଶ୍ୱକପ୍ ଟ୍ରଫି ରଥକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଉଛି ।

## ସହର ଲୋକାରଣ୍ୟ, ଅଫିସ ଖାଁ ଖାଁ

ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କ୍ରୀଡାପ୍ରେମୀ, ସାଂସ୍କୃତିକ ସଂଗଠନ, କ୍ଲବ, ଏନ୍‌ସିସି କ୍ୟାଡେଟ୍, ବ୍ୟବସାୟୀ ସଂଘ ଏଥିରେ ସାମିଲ ହୋଇଥିଲେ। ନୂତନ ଟାଉନ ହଲ ଛକ, ନଳିନୀ ଛକ, ବିଜୁ ପଟ୍ଟନାୟକ ଛକ, ମଝିପଡା ଛକ, କଚେରି ଛକ, ଆମ୍ବେଡକର ଛକ, ବ୍ଲକ ଛକ, ବୁଢାରାଜା ଛକ ଓ ହିକୁଡି ଛକରେ ରଥକୁ ଉଚ୍ଛସିତ ସ୍ୱାଗତ କରାଯାଇଥିଲା। ଜନସାଧାରଣ ଓ ପ୍ରଶାସନିକ ଅଧିକାରୀ ସ୍ଥାନୀୟ ହସ୍ତତନ୍ତ ବସ୍ତ୍ର ପରିଧାନ କରି ରଥକୁ ସ୍ୱାଗତ କରିଥିଲେ। ତେବେ ରଥକୁ ସ୍ୱାଗତ କରିବା ପାଇଁ ସହରର ରାସ୍ତା ଲୋକାରଣ୍ୟ ହୋଇ ପଡିଥିବା ବେଳେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖାଁ ଖାଁ ଲାଗୁଥିଲା। କାର୍ଯ୍ୟାଳୟ ଖୋଲା ଥିଲା କିନ୍ତୁ ଅଧିକାରୀ ଓ କର୍ମଚାରୀଙ୍କ ଦେଖା ନ ଥିଲା। ସମସ୍ତେ ପୂର୍ବାହ୍ନ ୧୦ଟାରୁ ରଥକୁ ସ୍ୱାଗତ କରିବା ପାଇଁ ରାସ୍ତାରେ ଅପେକ୍ଷା କରିଥିଲେ।

# ମର୍ନିଂଷ୍ଟାର ଅନୁଗୋଳ ସେମିରେ

**ଅମରପାଲି, ୩।୧(ଡି.ଏନ.ଏ.)**

## ମାହେଶ୍ୱରୀ କ୍ରିକେଟ କପ୍

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁର ଗ୍ରାମରେ ଚାଲିଥିବା ୧୬ତମ ମା'ମାହେଶ୍ୱରୀ କ୍ରିକେଟ କପର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ମ୍ୟାଚ ମର୍ନିଂଷ୍ଟାର ଅନୁଗୋଳ ଓ ଜିସିସି ସିଣ୍ଢୋଲ ମଧ୍ୟରେ ହୋଇଥିଲା। ଦୁଇଟି ଫର୍ମାଟରେ ଖେଳାଯାଇଥିବା ମ୍ୟାଚରେ ଅନୁଗୋଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଫର୍ମାଟରେ ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୭୨ରନ କରିଥିଲା। ଦଳର ସୁଜିଳ ଗରନାୟକ ୩୫ବଲରୁ ୬୮ରନ କରିଥିଲେ। ବିପକ୍ଷ ସିଣ୍ଢୋଲର ପ୍ରତାପ ସାହୁ, କୃଷ୍ଣଚନ୍ଦ୍ର ସୁଲା, ପିଣ୍ଟୁ ଦୀପ ଓ ସୁଶାନ୍ତ ବେହେରା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସିଣ୍ଢୋଲ ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ରନ କରିଥିଲା। ଦଳର ସୁଶାନ୍ତ ବେହେରା ୨୮ବଲରୁ ୪୦ରନ କରିଥିଲେ। ବିପକ୍ଷ ଦିପକ ତିୱାରୀ ୩ଟି ଓ ଲିଟନ ସାହୁ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ସିଣ୍ଢୋଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୪୪ରନ କରିଥିଲା। ଦଳର ଶଙ୍କର ସେଠୀ ୨୯ରନ କରିଥିବା ବେଳେ ବିପକ୍ଷ ଲିଟନ ଦାଶ ୨ ଓଭର ରେ ୫ରନ ଦେଇ ୪ଟି ଉଇକେଟ ନେଇଥିଲେ। ଜବାବରେ ଅନୁଗୋଳ ୩.୫ ଓଭରରେ ଗୋଟିଏ ଉଇକେଟ ହରାଇ ୪୮ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଅନୁଗୋଳ ମ୍ୟାଚରେ ବିଜେତା ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ପ୍ରାଣବନ୍ଧୁ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଗୋଳର ଲିଟନ ଦାଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ସୁରେଶ ବିଶି ଓ ପ୍ରଶାନ୍ତ ମିଶ୍ର ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିଲେ। ବୁଧବାର ଜେସିସି ସମ୍ବଲପୁର ଓ ମର୍ନିଂଷ୍ଟାର ଅନୁଗୋଳ ମଧ୍ୟରେ ପୁଲ-ଏ ର ସେମିଫାଇନାଲ ମ୍ୟାଚ ହେବବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ଅନୁଗୋଳର ଲିଟନ ଦାଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରାଯାଉଛି ।

# ଦିଗଶିରା ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ

**ଡୁଙ୍ଗୁରିପାଲି, ୩।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ଠେଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଦୀପ ମହାନନ୍ଦ, ସହଦେବ ପଧାନ, ପୂର୍ବତନ ସରପଞ୍ଚ ବିଜୟ କୁମାର ବେହେରା, ପୂର୍ବତନ ସମିତି ସଭ୍ୟ ବିଶ୍ୱନାଥ ମେହେର ଯୋଗ ଦେଇଥିଲେ। ଅଙ୍ଗନଦୀ ଧନୁଯାତ୍ରା ପଡିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ପୌରାଣିକ କଥାବସ୍ତୁକୁ ନେଇ ଦେବକୀ ବସୁଦେବଙ୍କ ବିବାହ, ଉଗ୍ରସେନ ମହାରାଜ ଗାଡିଚ୍ୟୁତ, କଂସଙ୍କ ରାଜ୍ୟାଭିଷେକ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କାର୍ଯ୍ୟକାରିଣୀ କମିଟି ସଭାପତି ଲବ ମେହେର, ମନମୋହନ ଦାଶ, ଜିତୁ ପଧାନ, ରାଜେନ୍ଦ୍ର ପଧାନ, ଦୁଃଖୁ ରଣା, ଦୀନବନ୍ଧୁ ସୁନା, ରମେଶ ମେହେର, ମହେଶ୍ୱର ସୁନା, ପବିତ୍ର ଦଣ୍ଡସେନା, ଆନନ୍ଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ।


ଉଗ୍ରସେନ ମହାରାଜ ଓ ମହାମନ୍ତ୍ରୀଙ୍କ ସହ ଯାତ୍ରା କମିଟି ସଦସ୍ୟ ଓ ଅତିଥି।

# ସେମିରେ ସୋନପୁର ରାମଧୁନ କ୍ଲବ

**ସୋନପୁର,୩।୧(ନି.ପ୍ର.)**

## ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

ସୋନପୁର ରୟାଲ ପଡିଆରେ ଚାଲିଥିବା ୧୦ମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚ୍‌ରେ ସ୍ଥାନୀୟ ରାମଧୁନ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସୋନପୁରର ରାମଧୁନ କ୍ଲବ ଓ ରଘୁନାଥ ଦେବ କ୍ଲବ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଧୁନ କ୍ଲବ ୩-୦ ଗୋଲରେ ବିଜୟୀ ହୋଇଛି। ରେଫେରି ଜଗତ ଜଗଦଲା, ନନ୍ଦୁ ନାଏକ, ଯୋଗେନ୍ଦ୍ର ଓରାମ, ପ୍ରଶାନ୍ତ କୁମାର ସେଠୀ ଓ ସୁରେନ୍ଦ୍ର ବାରିକ୍ ମ୍ୟାଚ୍ ପରିଚାଳନା କରିଥିଲେ । ରମନ ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ନିଶାନ୍ତ କୁମାର ମହାନ୍ତି, ଜଗନ୍ନାଥ ତ୍ରିପାଠୀ, ଶଙ୍କର୍ଷଣ ପଟ୍ଟନାୟକ, ସୁଶାନ୍ତ ପଧାନ, ଅଶୋକ ଜେନା, ସଞ୍ଜିବ ମିଶ୍ର ଓ ରାଜେନ୍ଦ୍ର ଜଗଦଲା ଯୋଗ ଦେଇଥିଲେ। ରାମଧୁନ କ୍ଲବର ଆଶିଷ ସାହୁଙ୍କୁ ବେଷ୍ଟ ଡିଫେନ୍ସ, ଚନ୍ଦନ ଦାଶଙ୍କୁ ବେଷ୍ଟ ମିଡ୍ ଫିଲ୍ଡ, ସୁନୀଲ ବାଘାଙ୍କୁ ବେଷ୍ଟ ଗୋଲ କିପର ଓ ଦେବରାଜ ସାଙ୍କୁ ହିରୋ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ୱିଙ୍ଗର ଭାବେ ଖୋର୍ଦ୍ଧାର ଅନିଲ ଖଡିଆଙ୍କୁ ପ୍ରଦାନ କରାଯାଇଛି । ଆୟୋଜକ ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବର ସମ୍ପାଦକ ରାକେଶ ନାଗ ପୁରସ୍କାର ବିତରଣୀ ଉତ୍ସବକୁ ପରିଚାଳନା କରିଥିଲେ ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

# ଜନମୁରା ପଞ୍ଚାୟତବାସୀଙ୍କୁ ମିଳୁନି ପାନୀୟ ଜଳ

**ସୋନପୁର,୩।୧(ନି.ପ୍ର.)**

ସୋନପୁର ବ୍ଲକ ଜନମୁରା ପଞ୍ଚାୟତର ପାନୀୟ ଜଳଯୋଗାଣ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଛି ଟାଟା ପାୱାର। ଦେୟ ବାକି ଥିବା କାରଣରୁ ବିଭାଗ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଥିବା କହିଛି। ପ୍ରକଳ୍ପର ମୋଟର ଦୀର୍ଘ ଦିନ ହେବ ଚାଲିପାରୁନି। ଏଥିଯୋଗୁ ପଞ୍ଚାୟତର ଜନମୁରା, ବଡଝିଙ୍କି ଓ ସିଂଘାରୀ ଭଳି ଗ୍ରାମର ୩ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ପାଇପ ଯୋଗେ ପାନୀୟ ଜଳ ପାଇ ପାରୁନାହାନ୍ତି। ତେବେ ପଞ୍ଚାୟତର ପିପିଲିପାଲିରେ ଓଡିଶା ଆଦର୍ଶ ବିଦ୍ୟାଳୟ ଥିବାରୁ ଉକ୍ତ ଗାଁକୁ ପାନୀୟ ଜଳ ଯୋଗାଣ ଯଥାରୀତି ଚାଲିଛି। ଜଳ ଅଭାବରୁ ଜନମୁରା, ବଡଝିଙ୍କି ଓ ସିଂଘାରୀ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରପଞ୍ଚ ଦମୟନ୍ତୀ ବାରିକଙ୍କ ନେତୃତ୍ୱରେ ମଙ୍ଗଳବାର ଶତାଧିକ ମହିଳା ସୋନପୁର ପେଲେସ ଗାର୍ଡେନସ୍ଥିତ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତର ଅନୁଦାନରୁ କିସ୍ତି ଜରିଆରେ ବକେୟା ବିଦ୍ୟୁତ୍ ଦେୟ ପ୍ରଦାନ ପାଇଁ ସରପଞ୍ଚ ବାରିକ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ସରପଞ୍ଚଙ୍କ ନେତୃତ୍ୱରେ ପଞ୍ଚାୟତର ମହିଳାମାନେ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଛନ୍ତି ।

## ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଛି ବିଭାଗ

ତେଣୁ ପ୍ରକଳ୍ପକୁ ପୁନଃ ବିଦ୍ୟୁତ୍ ସଂଯୋଗ କରିବାକୁ ସରପଞ୍ଚଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠ ସଦସ୍ୟାମାନେ ଅନୁରୋଧ କରିଛନ୍ତି। ପଞ୍ଚାୟତର କେତେକ ୱାର୍ଡସଭ୍ୟଙ୍କ ସମେତ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ, ଜମ୍ବୁଲତା ଭୋଇ, ସୁଜାତା ମହାପାତ୍ର, ରଞ୍ଜିତା ଗରିଆ, ଉପମା ସାହୁ ଓ ପଙ୍କଜୀନୀ ସେଠୀ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ। ବିଭାଗ ପକ୍ଷରୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରା ନଗଲେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି ।

## ରେଡ୍‌କ୍ରସ ପାଣ୍ଠି ବୃଦ୍ଧି ପାଇଁ ମ୍ୟାଜିକ ଶୋ'

**ଝାରସୁଗୁଡ଼ା ଅଫିସ:** ଜିଲା ରେଡ୍‌କ୍ରସ ସୋସାଇଟିର ପାଣ୍ଠି ବୃଦ୍ଧି କରିବା ଉଦ୍ଦେଶ୍ୟ ନେଇ ଝାରସୁଗୁଡ଼ା ମ୍ୟୁନିସିପାଲିଟି ଅଡିଟୋରିୟମ ହଲଠାରେ ଗ୍ରାଣ୍ଡ ମ୍ୟାଜିକ ଶୋ'ର ଆୟୋଜନ କରାଯାଇଛି। ପ୍ରସିଦ୍ଧ ଅବଦୁଲ ସରଫରାଜ ଖାନଙ୍କ ଯାଦୁ କୌଶଳର ଭରପୂର ମଜା ଉଠାଉଛନ୍ତି ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର। ଛାତ୍ରୀଛାତ୍ର ରିହାତି ଦରରେ ମ୍ୟାଜିକ ଶୋ ଦେଖିବାର ସୁଯୋଗ ପାଉଛନ୍ତି। ମ୍ୟାଜିକ ସମ୍ରାଟ ବାଦଶାହ ଖାନ ଅଦ୍ୟାବଧି ୧୭ ଦେଶରେ ୩୫ ହଜାରରୁ ଉର୍ଦ୍ଧ୍ୱ ଶୋ' ପ୍ରଦର୍ଶନ କରିସାରିଛନ୍ତି।

## ସଂକ୍ଷେପରେ

### ଅଙ୍ଗନୱାଡ଼ି ଘର ଭାଙ୍ଗି ଚାଉଳ ଖାଇଲା ହାତୀ

**ନାକଟିଦେଉଳ,୩।୧(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତର ଭାଲୁଖୋଲ ଗ୍ରାମରେ ଥିବା ଅଙ୍ଗନୱାଡ଼ି ଘର ଭାଙ୍ଗି ଏକ ଦନ୍ତାହାତୀ ଚାଉଳ ଖାଇ ଦେଇଛି। ସୂଚନା ଅନୁସାରେ ପାହାଡ଼ ତଳେ ଏହି ଗ୍ରାମ ଥିବାବେଳେ ସୋମବାର ରାତ୍ରି ପ୍ରାୟ ସାଢେ ୭ଟା ସମୟରେ ଏକ ଦନ୍ତା ଆସି ଉପଦ୍ରବ କରିଥିଲା। ହାତୀଟି ଅଙ୍ଗନୱାଡ଼ି କେନ୍ଦ୍ରର ପାଚେରି ଭାଙ୍ଗି ଭିତରକୁ ପଶି ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ପାଇଁ ଗଚ୍ଛିତ ଥିବା ପ୍ରାୟ ୧କୁଇଣ୍ଟାଲ ଚାଉଳ ଖାଇବା ସହ ଏଣେତେଣେ ଫୋପାଡ଼ି ନଷ୍ଟ କରିଦେଇଛି। ଉକ୍ତ ପ୍ରାୟ ୨ସପ୍ତାହ ହେଲା ବିଭିନ୍ନ ସମୟରେ ଗ୍ରାମକୁ ଉପଦ୍ରବ ଚଳାଇଛି। ୭ଦିନ ପୂର୍ବରୁ ହାତୀ ଗ୍ରାମର ମାରିଆନୁସ ଲୁଗୁନ ନାମକ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଚାଉଳ ଖାଇଥିଲା ।

### ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ଗିରଫ



**ବ୍ରଜରାଜନଗର,୩।୧(ଡି.ଏନ.ଏ.):** ଓରିଏଣ୍ଟ ଥାନା ବାବାମାଠିଆ ପଡ଼ାରେ ସୋମବାର ବିଳମ୍ବିତ ରାତ୍ରିରେ ଏକ ହତ୍ୟାକାଣ୍ଡ ଘଟିଛି। ପୋଲିସ ସୂଚନା ଅନୁଯାୟୀ ଉକ୍ତ ପଡାରେ ଗଣେଶ ଚୌହାନ ପରିବାର ସହ ରହନ୍ତି। ସୋମବାର ରାତି ପ୍ରାୟ ସାଢେ ୧୧ଟାରେ କୌଣସି କାରଣକୁ ନେଇ ଗଣେଶ ଓ ସ୍ତ୍ରୀ ସୀତାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗଣେଶ ଏକ ମାରଣାସ୍ତ୍ରରେ ସୀତାଙ୍କୁ ହତ୍ୟା କରିଥିଲେ। ଏ ନେଇ ଗଣେଶଙ୍କ ମା' କାନ୍ତି ପୋଲିସରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଗଣେଶଙ୍କୁ ଅଟକ ରଖି ଅନୁସନ୍ଧାନ ଆରମ୍ଭ କରିଥିଲା। ଅଭିଯୁକ୍ତ ଦୋଷ ସ୍ୱୀକାର କରିବା ପରେ ପୋଲିସ ଥାନା କେସ୍ ନଂ. ୩, ଆଇପିସି ଦଫା ୩୦୨ରେ ଗଣେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରିଣୀ କଲ୍ୟାଣୀ ବେହେରା ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତଙ୍କୁ ଜେଲ

**ରେଢାଖୋଲ,୩।୧(ଡି.ଏନ.ଏ.):** ଚାରମାଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ନାବାଳିକା ଜଣକ ସୋମବାର ତାଙ୍କ ମା' ସହିତ ବିଲକୁ ଯାଇ ଏକୁଟିଆ ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧/୨୩) ରୁଜୁକରି ତଦନ୍ତ ପରେ ରାଣିବେଡା ଗ୍ରାମର ଅଭିଯୁକ୍ତ ଚୈତନ୍ୟ ପ୍ରଧାନ (୫୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଏଲ୍‌ଏନ୍ ମହାବିଦ୍ୟାଳୟରେ ହାକାଥନ ପ୍ରଶିକ୍ଷଣ

**ଝାରସୁଗୁଡ଼ା ଅଫିସ,୩।୧:** ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ (ଓସେପା) ଓ ଆଇଆଇଟି ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଉଚ୍ଚ ମାଧ୍ୟମିକ ସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରାର ଉଦ୍ରେକ, ନୂତନ ପରିକଳ୍ପନା, ସୂଚନା ପ୍ରଯୁକ୍ତି ବିଦ୍ୟାର ଜ୍ଞାନ ଆଦିର ବିକାଶ ପାଇଁ ସରକାର ହାକାଥନ କାର୍ଯ୍ୟକ୍ରମ ଅୟୋଜନ କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲାର ସମସ୍ତ ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାକାଥନ ଦାୟିତ୍ୱରେ ଥିବା ପଦାର୍ଥ ବିଜ୍ଞାନ ଅଧାପକ ବିଜେନ୍ଦ୍ର ଜ୍ୟୋତିଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା ଛାତ୍ରୀଛାତ୍ର ପ୍ରତିଭା ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ଓ ସୁଶାନ୍ତ କୁମାର ଘୁଟା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରିବାର ଯୋଜନା ରହିଛି।

# ଟ୍ରକ୍ ଚାପାରେ ଛାତ୍ରୀ ମୃତ: ରାସ୍ତାରୋକୋ

**ସମ୍ବଲପୁର,୩।୧(ବ୍ୟୁରୋ)**

ସମ୍ବଲପୁର ସହର ଦେଇ ଯାଇଥିବା ଜାତୀୟ ରାଜପଥର ଅଇଁଠାପାଲି ଛକରେ ମଙ୍ଗଳବାର ଟ୍ରକ୍ ଚାପାରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀ କ୍ଷେତରାଜପୁର ପୋଦାର କଲୋନୀର ସୋନାଲ ଭଗତ (୨୧)ଙ୍କ ମୃତ୍ୟୁ ଘଟିଛି। ସୋନାଲ ସ୍କୁଟି ଯୋଗେ ଏକ କୋଚିଂ ସେଣ୍ଟରକୁ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ସଦର ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଫ୍ଲାଇଓଭର ନିର୍ମାଣ, ଅସ୍ଥାୟୀ ଭାବେ ହମ୍ପସ ନିର୍ମାଣ, ଟ୍ରାଫିକ ପୋଲିସ ମୁତୟନ କରିବା ଦାବି ନେଇ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅଇଁଠାପାଲି ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହେଲେ ଦୁର୍ଘଟଣା ପରେ ଟ୍ରକ୍‌ଟି ଫେରାର ହୋଇଯାଇଛି। ଅଇଁଠାପାଲି ଏକ ପ୍ରମୁଖ ଛକ ହୋଇଥିବାରୁ ପ୍ରବଳ ଭିଡ ଲାଗିରହିଥାଏ। ଅଧିକାଂଶ ସମୟରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ଘଟିବା ନଜିର ରହିଛି।



ଦୁର୍ଘଟଣାରେ ଛାତ୍ରୀଙ୍କ ମୃତ୍ୟୁ ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

- ଫ୍ଲାଇଓଭର ନିର୍ମାଣ ପାଇଁ ୧୬୦ କୋଟି ଅନୁମୋଦନ
- ଏପ୍ରିଲରେ କାମ ଆରମ୍ଭ

ଏହାକୁ ନେଇ ଏକ ଫ୍ଲାଇଓଭର ନିର୍ମାଣ କରିବାକୁ ୧୦ ବର୍ଷରୁ ଅଧିକ ହେବ ଦାବି ହୋଇ ଆସୁଛି। ଲୋକଙ୍କ ଦାବି ଅନୁସାରେ ଏନ୍‌ଏଚ୍‌ଏଆଇ ଫ୍ଲାଇଓଭର ନିର୍ମାଣ କାମ ହାତକୁ ନେଇଛି। ଏଥିପାଇଁ ୧୬୦ କୋଟି ଟଙ୍କା ଅନୁମୋଦନ ହୋଇଛି। ସେଥିମଧ୍ୟରୁ ୧୨୦ କୋଟିରେ ଫ୍ଲାଇଓଭର ସିଭିଲ କାମ ଓ ୪୦ କୋଟିରେ ଅନ୍ୟ କାମ ହେବ। ଡ୍ରଇଁ, ଅଟକଳ ହେବା ସହ ଟେଣ୍ଡର ପ୍ରକ୍ରିୟା ପାଇଁ ପଠାଇ ଦିଆଯାଇଛି। ମାର୍ଚ୍ଚ ଶେଷ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ଏପ୍ରିଲ ମାସରେ କାମ ଆରମ୍ଭ ହେବ ବୋଲି ଏନ୍‌ଏଚ୍‌ଏଆଇ ପିଡି ଏସ୍. ନାଗେଶ୍ୱର ରାଓ କହିଛନ୍ତି। ଫ୍ଲାଇଓଭର ନିର୍ମାଣ ହେଲେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଦୁର୍ଘଟଣା ହ୍ରାସ ପାଇବ ବୋଲି ଆଶା କରାଯାଉଛି।

# ଲୋକ ମହୋତ୍ସବ ସମ୍ବର୍ଦ୍ଧନା ଉପସମିତି ବୈଠକ

**ସମ୍ବଲପୁର,୩।୧(ବ୍ୟୁରୋ)**

ସମ୍ବଲପୁର ଲୋକ ମହୋତ୍ସବ- ୨୦୨୩ ସମ୍ବର୍ଦ୍ଧନା ଉପସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଡିଆରଡିଏ ସଭାକକ୍ଷଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପସମିତି ଆବାହକ ସୂର୍ଯ୍ୟ ପାଣିଗ୍ରାହୀ ସଭାପତିତ୍ୱ କରି ବିଗତ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଲୋକଭାଷା ଓ ସଂସ୍କୃତି ପାଇଁ କାର୍ଯ୍ୟ କରିଆସିଥିବା ବିଭିନ୍ନ ବିଭାଗର ୬ଜଣ ବ୍ୟକ୍ତିତ୍ୱଙ୍କୁ ଜିଲାସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ବିଷୟରେ ସୂଚିତ କରିଥିଲେ। ଲୋକନୃତ୍ୟ ଗୁରୁ ରଣଜିତ ନାଗ, ଆକାଶବାଣୀ ସମ୍ବଲପୁର କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ, ନାଟ୍ୟକାର ତଥା ସଂଗୀତ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ, ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ ସଙ୍ଗୀତ ସଂଯୋଜକ ଗୋପାଳ ଚନ୍ଦ୍ର ନାୟକ ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଲୋକନୃତ୍ୟ, ଲୋକ ସଙ୍ଗୀତ, ଲୋକ ସାହିତ୍ୟ, ଲୋକ ଗୀତ, ନାଟକ ଓ ପାରମ୍ପରିକ ଲୋକ କଳା ବିଭାଗରୁ ଜଣେ ଲେଖାଏ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବର୍ଦ୍ଧନା ଉପସମିତି ସଭ୍ୟ ଡା. ପ୍ରଭାସ ଦେବତା, ଡା. ରାଜାରାମ ଷଡ଼ଙ୍ଗୀ, ଡା. ବିମଳ କୁମାର ପଣ୍ଡା, ପିଙ୍କି ପ୍ରଧାନ, ମାନସ ବାନାର୍ଜୀ, ମମତା ପଣ୍ଡା ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

# ନାକଟିଦେଉଳ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

**ନାକଟିଦେଉଳ,୩।୧(ଡି.ଏନ.ଏ.)**

ନାକଟିଦେଉଳ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ଅଧିବେଶନ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସ୍ୱରୁପାରାଣି ସାହୁ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ପଞ୍ଚାୟତ ସମିତି ଓ ଗ୍ରା.ପ. ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା। ସରକାରଙ୍କ ଯୋଜନା ମୁତାବକ ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତ ଜିବୀକା ଗ୍ରାମ, ସୁସ୍ଥ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମ, ସାମାଜିକ ସ୍ତରରେ ସୁରକ୍ଷିତ ଗ୍ରାମ ସମ୍ପର୍କରେ ଆଲୋଚନା କରାଯାଇ ପଞ୍ଚାୟତର ଉନ୍ନତି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସରପଞ୍ଚମାନେ ନିଜସ୍ୱ ଉଦ୍ୟମରେ ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପଞ୍ଚାୟତରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟପାଇଁ ପ୍ରଶାସନ ପକ୍ଷରୁ ପ୍ଲାନିଂ ତାଲିକା ମଗାଯାଇଥିଲା। ବୈଠକରେ ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ, ବ୍ଲକ ଉପାଧକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଜିଲାପରିଷଦ ସଭ୍ୟା ପ୍ରିୟମ୍ବଦା ସାହୁ ଓ ଟିକେଶ୍ୱରୀ ମେହେର, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ବୈଠକକୁ ପରିଚାଳନା କରିଥିବା ବେଳେ ଏବିଡିଓ ବିଦ୍ୟାଧର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଅଧିବେଶନରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

# ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ

**କୁଚିଣ୍ଡା,୩।୧(ଡି.ଏନ.ଏ.)**

କୁଚିଣ୍ଡା କେନ୍ଦୁପତ୍ର ଶ୍ରମିକ ଭବନଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ୧୦୪ତମ ଜୟନ୍ତୀ ପାଳିତ କରାଯାଇଛି। କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ଓ ବୃନ୍ଦାବନ ମାଝି, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ବିଜେଡି ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, କେନ୍ଦୁପତ୍ର ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା, ସମ୍ପାଦକ ଅନାଦି ସାହୁ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଭୂପେନ୍ଦ୍ର ନାୟକ, ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ଯୁଗ୍ମ ସମ୍ପାଦକ ଯୋଗ ବିହାରୀ ପରିଡ଼ା, ଜମନକିରା ବ୍ଲକ ଶିକ୍ଷକ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡିତଙ୍କ ସ୍ମୃତି ଚାରଣ କରି ତାଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କେନ୍ଦୁପତ୍ର ସଂଘର ୧୨ ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ସିଜନାଲ କର୍ମଚାରୀଙ୍କ ମଜୁରି ବୃଦ୍ଧି ଓ ଚାକିରି ସର୍ତ୍ତାବଳୀ, ସାମାଜିକ କଲ୍ୟାଣ ଓ ନିରାପତ୍ତା ପାଇଁ ସରକାର ବଜେଟ ବ୍ୟବସ୍ଥା କରିବା, କେନ୍ଦୁପତ୍ରରୁ ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବି ପୂରଣ ନେଇ ଲଢେଇ ଜାରିରହିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ହେଡ ଚେକର୍ ଯୋଗ ବିହାରୀ ପରିଡ଼ା, ଦଇତାରି ନାୟକ, ହିରାଲାଲ ପାଣିଗ୍ରାହୀ, ବ୍ରହ୍ମାନନ୍ଦ ମହକୁଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିଗଣ ବିଶ୍ୱନାଥ ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଜୟନ୍ତୀ ସଭାରେ ଯୋଗଦେଇଥିବା କର୍ମକର୍ତ୍ତା।

# ଚାଷୀଙ୍କୁ ମାଡ଼ ଅଭିଯୋଗ ଘଟଣାକୁ କୃଷକ ସଙ୍ଗଠନର ନିନ୍ଦା

**ଝାରସୁଗୁଡ଼ା ଅଫିସ୍,୩।୧୨**

ଗତ ୨୫ତାରିଖରେ ବଲାଙ୍ଗୀରା ଜିଲା ଘାଗୁଲି ପ୍ୟାକ୍ସରେ ଧାନ ବିକ୍ରି କରିବାପାଇଁ ଯାଇଥିବା ଚାଷୀ ଖୁସିରାମ ମହାକୁଡଙ୍କୁ ପ୍ୟାକ୍ସ ସମ୍ପାଦକ ଗାଳିଗୁଲଜ କରିବା ସହିତ ମାଡ ମାରିଥିଲେ। ଏ ନେଇ ପୀଡିତ ଚାଷୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ତଦନ୍ତ ଚଳାଇଛି। ଏହାକୁ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଉଛି। ଝାରସୁଗୁଡା ଜିଲା କୃଷକ ସଙ୍ଗଠନ ଘଟଣାକୁ ନିନ୍ଦା କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଏ ନେଇ ଜିଲା କୃଷକ ସଙ୍ଗଠନ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଅବଗତ କରାଯାଇଛି। ଜିଲା କୃଷକ ସଙ୍ଗଠନ ସଭାପତି ଦିଲୀପ ବଢେଇ, ସମ୍ପାଦକ ଗୋପିନାଥ ମାଝି, ପ୍ରବକ୍ତା ବିରଞ୍ଚି ସାହୁ, ଲକ୍ଷ୍ମଣ ସାହୁ, ଉମାଶଙ୍କର ପ୍ରଧାନ, ଶରତ ପଟେଲ ପ୍ରମୁଖ ଏହାକୁ ନିନ୍ଦା କରିଛନ୍ତି।

# କୃଷି ଗଣନା ପାଇଁ ସମନ୍ୱୟ କମିଟି ବୈଠକ

**ଝାରସୁଗୁଡ଼ା ଅଫିସ,୩।୧**

ପ୍ରଶାସନ ତରଫରୁ ହେବାକୁ ଥିବା ଏକାଦଶ କୃଷି ଗଣନା ପାଇଁ ଝାରସୁଗୁଡା ଜିଲାର ପ୍ରଥମ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ତଥା ଜିଲା କୃଷି ଗଣନା ଅଧିକାରୀ ସରୋଜ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ଅବତାରଣା କରିଥିଲେ। ଚଳିମାସରୁ କ୍ଷେତ୍ରୀୟ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ପରିସଂଖ୍ୟାନ ବିଭାଗର କ୍ଷେତ୍ର ସର୍ଭେୟର ଓ ନିରୀକ୍ଷକ, ଗ୍ରାମ କୃଷି କର୍ମଚାରୀ ଓ ପରିଦର୍ଶକ, ରାଜସ୍ୱ ବିଭାଗର ଅମିନ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ସାମିଲ ହେବେ। ଜିଲାରେ ସମୁଦାୟ ୩୬୯ ରାଜସ୍ୱ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସର୍ଭେ କାର୍ଯ୍ୟ କରାଯିବ। ଗଣନା ସମୟରେ ଜମିର ମାଲିକାନା, କ୍ଷୁଦ୍ର ନାମମାତ୍ର ଚାଷୀ, ବୃହତ ଚାଷୀ, କୃଷି ଯନ୍ତ୍ରପାତି ଉପଯୋଗ, ଜୈବିକ ଓ ରାସାୟନିକ ସାର, ଔଷଧ ଆଦିର ବ୍ୟବହାର, ବ୍ୟବହୃତ ଚାଷଜମି, ଫସଲ ପ୍ରଣାଳୀ ଉପରେ ତଥ୍ୟ ସଂଗ୍ରହ କରାଯିବ। ଜିଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ନାୟକଙ୍କ ଆବାହକତ୍ୱରେ ବୈଠକ ହୋଇଥିଲା। କମିଟି ସଦସ୍ୟ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଭାରପ୍ରାପ୍ତ ମୁଖ୍ୟ ଜିଲା କୃଷି ଅଧିକାରୀ ଧିରେନ୍ଦ୍ର ବରିହା, ଉପଖଣ୍ଡ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରଦୀପ ସେଠ୍, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ମନୋରଞ୍ଜନ ନନ୍ଦ, ଉପନିବନ୍ଧକ ସମବାୟ ସମିତି ଶରତ ଚନ୍ଦ୍ର ପାଣିଗ୍ରାହୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା, ଜିଲା ସୂଚନା ବିଜ୍ଞାନ ଅଧିକାରୀ ଅକ୍ଷୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟୁତ୍ ସମସ୍ୟା ନେଇ ଜିଲାପାଳଙ୍କୁ ଅଭିଯୋଗ

**ବ୍ରଜରାଜନଗର,୩।୧(ଡି.ଏନ.ଏ.)**

ବ୍ରଜରଜନଗର ନିର୍ବାଚନମଣ୍ଡଳୀର ରାଜପୁର, ଗୌଡ଼ମାଲ, ଚାନ୍ଦିନୀମାଲ ଓ ଲୋଇସିଂ ଆଦି ୪ ପଞ୍ଚାୟତରେ ଦୀର୍ଘଦିନ ହେବ ବିଦ୍ୟୁତ୍ ସମସ୍ୟା ଲାଗିରହିଛି। ବିଭାଗୀ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଉପରୋକ୍ତ ୪ ପଞ୍ଚାୟତର ସରପଞ୍ଚ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ଜିଲାପାଳ ସରୋଜ କୁମାର ସାମଲ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ଆସନ୍ତା ୧୦ତାରିଖରେ ବିଭାଗର ଅଧିକାରୀ, ସରପଞ୍ଚ ଓ ଜିଲା ପ୍ରଶାସନକୁ ନେଇ ଏକ ତ୍ରିପାକ୍ଷିକ ଆଲୋଚନା କରାଯାଇ ସମସ୍ୟା ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସରପଞ୍ଚମାନଙ୍କ ଅଭିଯୋଗ ଅନୁଯାୟୀ ଜୁନାଣିମୁଣ୍ଡାଠାରେ ଥିବା ସବ୍‌ଷ୍ଟେଶନ କାର୍ଯ୍ୟକାରୀ କରାଗଲେ ସମସ୍ୟା ସମାଧାନ ହୋଇପାରିବ। ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ଗୌଡ଼ମାଳ ସରପଞ୍ଚ ରାଜ କୁମାର ସାଏ, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀ ମିଶ୍ର ଓ ଲୋଇସିଂ ସରପଞ୍ଚଙ୍କ ସମେତ ରାଜପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଗଣେଶ ରାମ ବାଗ ପ୍ରମୁଖ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ।

# ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ

**ସମ୍ବଲପୁର,୩।୧(ବ୍ୟୁରୋ)**

ବିଶିଷ୍ଟ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ୧୦୪ତମ ଜୟନ୍ତୀ ମଙ୍ଗଳବାର ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଶ୍ରମିକନେତା ଗୋକୁଳ ମେହେରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସଭା ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ନାଟୁ ଗୋପାଳ, ରଘୁମନି ଦାସ, ସୁଶିଲ କୁମାର ସେଠୀ, ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ନେତା ଲଳିତ ପଟ୍ଟନାୟକ, ତପନ ଗୁରୁ, ଅଶୋକ ପଟେଲ, ରାଜେଶ କର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# କଂସଙ୍କ ପ୍ରଶ୍ନବାଣରେ ଜିଲାପାଳ ବ୍ୟତିବ୍ୟସ୍ତ

**ଝାରସୁଗୁଡ଼ା ଅଫିସ୍,୩।୧**

ଲଖନପୁର ବ୍ଲକ୍ ବନ୍ଧବାହାଲ ଧନୁଯାତ୍ରା ମହୋତ୍ସବ ତୃତୀୟ ଦିବସରେ କଂସ ମହାରାଜଙ୍କ ନିମନ୍ତ୍ରଣ ରକ୍ଷାକରି ଜିଲାପାଳ ସରୋଜକୁମାର ସାମଲ ରାଜଦରବାରରେ ରାଜ ଅତିଥିଭାବେ ଯୋଗଦେଇଥିଲେ। ଦରବାରରେ କଂସ ମହାରାଜ ରାଜ ଅତିଥି ଜିଲାପାଳ ସାମଲଙ୍କୁ ରେଳଷ୍ଟେଶନକୁ ଓଡ଼ିଆରେ କଣ କୁହାଯାଏ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଜିଲାପାଳ ସାମଲ ବ୍ୟତିବ୍ୟସ୍ତ ହୋଇ ରେଳ ରହଣି ବୋଲି କହିଥିଲେ। ଏହା ଭୁଲ ଓ ଠିକ୍ ଉତ୍ତର ଲୌହପଥଗାମୀ ବିରାମ ବିନ୍ଦୁ ବୋଲି କଂସ କହିଥିଲେ। ଏଭଳି ପ୍ରଶ୍ନ ଓଏଏସ୍ ପରୀକ୍ଷାରେ ପଡିଥାଏ ବୋଲି କଂସ କହିଥିଲେ। ଏହାକୁ ନେଇ କଂସ ଦରବାରରେ ଦର୍ଶକଙ୍କ ମଧ୍ୟରେ କୌତୁହଳ ସୃଷ୍ଟି ହୋଇଥିଲା। ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି।

# ୭୫ କେଜି ଗଞ୍ଜେଇ ସହ କାର୍ ଜବତ

**ସମ୍ବଲପୁର,୩।୧(ବ୍ୟୁରୋ)**

ସମ୍ବଲପୁର ଶାସନ ନିକଟରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ଯାଞ୍ଚ ସମୟରେ ଏକ କାର୍ ସହ ୭୫ କେଜି ଗଞ୍ଜେଇ ଜବତ କରିଛି। ଜବତ କଞ୍ଜେଇ ମୂଲ୍ୟ ପ୍ରାୟ ସାଢେ ୭ ଲକ୍ଷ ଟଙ୍କା ହେବ। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଉତ୍ତରପ୍ରଦେଶର ଶାବନ କୁମାର ପାଶୱାନ, ଶମ୍ଭୁ କୁମାର ରାମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଶାସନ ନିକଟରେ ଗାଡିମୋଟର ଯାଞ୍ଚ ସମୟରେ ସିଜି୦୪-ଡିଏନ-୫୯୦୦ କାର୍ ଅଟକାଇଥିଲେ। ଯାଞ୍ଚ କରିବା ପରେ ପଛପଟ ସିଟ ତଳେ ଗଞ୍ଜେଇ ଥିବା ଜଣାପଡିଥିଲା।



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

# ଶିଶୁ ଅଧିକାର ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ

- ଶିଶୁ ପାଇଁ ଦିନଟିଏ ତ୍ରୈମାସିକ ଧାର୍ଯ୍ୟ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା ଅଫିସ,୩।୧**

ଶିଶୁ ପାଇଁ ଦିନଟିଏ ତ୍ରୈମାସିକ ଧାର୍ଯ୍ୟ କାର୍ଯ୍ୟକ୍ରମ ସହିତ ଜିଲା ଶିଶୁ ସୁରକ୍ଷା କମିଟି ଓ ଜିଲା ଟାସ୍କ ଫୋର୍ସ ଏବଂ ଜିଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଦାସ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଡୋଲାମଣି ପଟେଲ, ଡିଏସ୍‌ପି ବାଳକୃଷ୍ଣ କହଁର ପ୍ରମୁଖ ଉପସ୍ଥିତ ଥିଲେ। ଆଇନର ପରିସର ମଧ୍ୟରେ ଓ ସାମାଜିକ ସ୍ତରରେ ଶିଶୁମାନଙ୍କ ଅଧିକାର ଅକ୍ଷୁଣ୍ଣ ରଖିବା ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାସହ ବିଜୁ ଶିଶୁ ସୁରକ୍ଷା ଯୋଜନା, ବିଜୁ କନ୍ୟାରତ୍ନ ଯୋଜନା, ସଖୀ, ଅନ୍ୱେଷା, ଆକାଂକ୍ଷା, ବାଣୀଶ୍ରୀ, ବାଳିକା ସମୃଦ୍ଧି ଯୋଜନା, ଜନନୀ ଶିଶୁ ସୁରକ୍ଷା ଯୋଜନା, ବେଟି ବଚାଓ ଓ ବେଟି ପଢ଼ାଓ ଆଦି କାର୍ଯ୍ୟକ୍ରମ କିପରି ଜିଲାରେ କାର୍ଯ୍ୟକାରୀ ହେବ ସେଥି ସକାଶେ ବିଭାଗୀୟ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲାର ୧୧୪ ଗ୍ରାମକୁ ବାଲ୍ୟ ବିବାହମୁକ୍ତ ଗ୍ରାମ ଘୋଷଣା କରାଯାଇଥିଲା। ବାଲ୍ୟ ବିବାହକୁ ନିରୁତ୍ସାହିତ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ତିନିଟି ଜାତି ସମାଜ ମୁଖ୍ୟଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ସୁପ୍ରଭା ବାରିକ, ଜିଲା ଶ୍ରମ ଅଧିକାରୀ ସୁନିତା କିଷାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ମେହେରୁନିଶା ବେଗମ, ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଆଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ ।

